## ସଂକ୍ଷେପରେ

### ଶେରଗଡ଼ ତାଲୁକା ପନ୍ଦରା ସମାଜର ବାର୍ଷିକ ଉତ୍ସବ

**ଶେରଗଡ,୧୬।୬(ଡି.ଏନ.ଏ.):** ଶେରଗଡ଼ ତାଲୁକା ପନ୍ଦରା ସମାଜର ବାର୍ଷିକ ଉତ୍ସବ ଶେରଗଡ଼ କୋଠଘରେ ରବିବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ନିଖିଳ ଉତ୍କଳ ପନ୍ଦରା ସମାଜ ସଭାପତି ଅମର କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସମ୍ପାଦକ ଚନ୍ଦ୍ର ଶେଖର ବେହେରା ଓ ସଭାପତି ଡମ୍ବରୁଧର ବେହେରା ଯୋଗ ଦେଇଥିଲେ। ଶେରଗଡ଼ ତାଲୁକା ସମ୍ପାଦକ ସନ୍ତୋଷ କୁମାର ବାଡ଼ତ୍ୟା ବିବରଣୀ ପାଠ କରିଥିବାବେଳେ ସମାଜ ବିଷୟରେ ବିଭିନ୍ନ ମତ ପ୍ରକାଶ କରିଥିଲେ। ଉତ୍ସବରେ ସମାଜର ଶିଶୁ ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ପନ୍ଦରା ସମାଜର ପଞ୍ଚାୟତ ସମ୍ପାଦକ ସୁନୀଲ କୁମାର ବାଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

### ସାମାଜିକକର୍ମୀ ବ୍ରଜସୁନ୍ଦର ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ

**ଗଞ୍ଜାମ,୧୬।୬(ଡି.ଏନ.ଏ.)-** ଗଞ୍ଜାମ ସହରର ସାମାଜିକକର୍ମୀ ତଥା ଗଞ୍ଜାମ ଏନ୍ଏସି, ଗଞ୍ଜାମ କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ବ୍ରଜସୁନ୍ଦର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏନେଇ ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସହରସ୍ଥିତ ଦୁର୍ଗାଦେବୀ ସାହିସ୍ଥିତ କାର୍ଯ୍ୟାଳୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଲିଙ୍ଗରାଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରିଷ୍ଠ ସାମାଜିକକର୍ମୀ ତ୍ରିନାଥ ପାଣିଗ୍ରାହୀ, ଜଗବନ୍ଧୁ ଦାଶ, ପତିତପାବନ



ମହାପାତ୍ର, ଭିକାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ ଗୌରୀଶଙ୍କର ପାଢ଼ୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସାମାଜିକକର୍ମୀ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ସମସ୍ତ ନିମନ୍ତ୍ରିତ ଅତିଥି, ବରିଷ୍ଠ ନାଗରିକ କର୍ମକର୍ତ୍ତା ସଦସ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପରିବାର ବର୍ଗଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ବର୍ଷେ ପୂରିବାକୁ ଯାଉଛି ଜିଲା ବିଜେଡି ବୈଠକ

# ଗୃହୀତ ପ୍ରସ୍ତାବ ପୂରଣ କରିନାହାନ୍ତି ସରକାର

**ବ୍ରହ୍ମପୁର ଅଫିସ,୧୬।୬**

ବୃହତ୍ତମ ଜିଲା ଗଞ୍ଜାମରେ ଅନେକ ସମସ୍ୟା ରହିଛି। ସମାଧାନ ହେଉ ନ ଥିବାରୁ ଏହା ବଢ଼ି ଚାଲିଛି। ବିଭିନ୍ନ ସମୟରେ ବିରୋଧୀ ଦଳ ଦାବିକୁ ସରକାର ପୂରଣ କରି ନ ଥିବା ନଜିର ରହିଛି। ତେବେ ଶାସକ ଦଳର ନ୍ୟାଯ୍ୟ ଦାବିଗୁଡ଼ିକ ମଧ୍ୟ ପୂରଣ କରାଯାଇ ନ ଥିବା ଅଧିକ ଉଦ୍‌ବେଗର କାରଣ ହୋଇଛି।

ସୂଚନାଯୋଗ୍ୟ, ୨୦୧୮ ଜୁନ ୨୨ରେ ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଗୋପାଳପୁରରେ ଅନୁଷ୍ଠିତ ହୋଇଥିଲା। ଆଗତ ରାଜନୈତିକ ଚିଠା ପ୍ରସ୍ତାବରେ ଗଞ୍ଜାମର ସମୂହ ସ୍ୱାର୍ଥ ସମ୍ବଳିତ ଲମ୍ବା ଦାବି ଉପସ୍ଥାପିତ କରାଯାଇଥିଲା। ଅନୁମୋଦନ ସହ କାର୍ଯ୍ୟକାରୀ କରିବାକୁ ତାହା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠା ଯାଇଥିଲା। ଆସନ୍ତା ୨୨ରେ ବୈଠକକୁ ବର୍ଷେ ପୂରିବାକୁ ଯାଉଛି। ତେବେ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବାରୁ ଶାସକ ଦଳର ଦାବି ପ୍ରତି ସରକାର ଉପେକ୍ଷା କରୁଥିବା ସ୍ପଷ୍ଟ ହୋଇଛି।

ଦାବି ଗୁଡ଼ିକ ମଧ୍ୟରେ ଏମ୍‌କେସିଜି ମେଡିକାଲ କଲେଜକୁ ସ୍ୱୟଂଶାସିତ ବା ଡିମଡି ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ସହ ଖାଲି ପଡ଼ିଥିବା ଡ଼ାକ୍ତର ଓ ଅନ୍ୟ କର୍ମଚାରୀ ପଦବୀ ପୂରଣ ଏବଂ ଗଞ୍ଜାମ ଜିଲାରେ ସରକାର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ ଥିଲା। ଜିଲାରେ କ୍ରୀଡ଼ା କମ୍ପ୍ଲେକ୍ସ ପ୍ରତିଷ୍ଠା, ପ୍ରତ୍ୟେକ ବ୍ଲକରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ସହ ଅଧିକ ନିଯୁକ୍ତି ସୃଷ୍ଟି କରିବା, କୃଷିଜାତ ପଦାର୍ଥର ସଂରକ୍ଷଣ ପାଇଁ ଜିଲାରେ ଅଧିକ ସଂଖ୍ୟକ ଶୀତଳ ଭଣ୍ଡାର ନିର୍ମାଣ, ପଶ୍ଚିମ ଓଡ଼ିଶା ଢ଼ାଞ୍ଚାରେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ, ରଙ୍ଗେଇଲୁଣ୍ଡାରେ ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣ ନ ଚେତ ବିମାନ ବନ୍ଦର କରାଯିବା ଆଦି ଦାବି ପ୍ରସ୍ତାବ ଗୃହୀତ ହୋଇଥିଲା। କେନ୍ଦ୍ର ଅବହେଳାକୁ ମଧ୍ୟ ପ୍ରସଙ୍ଗ କରାଯାଇଥିଲା। ଏହି ଦାବିଗୁଡ଼ିକ ମଧ୍ୟରୁ ଗୋଟିଏ ବି କାର୍ଯ୍ୟକାରୀ ହୋଇନାହିଁ।

> ■ ହୋଇନି ସେଚ ପ୍ରକଳ୍ପ ଉନ୍ନତୀକରଣ, ସମ୍ପ୍ରସାରଣ
>
> ■ ବ୍ରହ୍ମପୁରରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରତି ଅଣଦେଖା

ଅପରପକ୍ଷରେ କୃଷି ବହୁଳ ଏହି ଜିଲାରେ ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲାର ଜୀବନରେଖା ଋଷିକୁଲ୍ୟା ନଦୀର ବହୁବିଧ ଉନ୍ନତି ଲାଗି ସ୍ୱତନ୍ତ୍ର ପରିଷଦ ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହା ସହ ବ୍ରିଟିଶ ଅମଳର ରସୁଲକୋଣ୍ଡା ଘାଇ ଓ ବର୍ତ୍ତମାନର ଭଞ୍ଜନଗର ଜଳ ଭଣ୍ଡାର ଉନ୍ନତୀକରଣ, ପ୍ରସ୍ତାବିତ ଘଟକେଶ୍ୱର ସେଚ ପ୍ରକଳ୍ପ ସମ୍ପୂର୍ଣ୍ଣ କରଣ ଓ ସୋରଡ଼ା ନିକଟରେ ପ୍ରସ୍ତାବିତ ପିପଲପଙ୍କା ଜଳ ଭଣ୍ଡାର ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଶାଳିଆ ଓ ଧନେଇ ପ୍ରକଳ୍ପର ଉନ୍ନତୀକରଣ, କଂସାରିଗଣ୍ଡରେ ବ୍ରିଜ୍ ନିର୍ମାଣ, ଭଞ୍ଜନଗର ନିକଟ ଦହ ସେଚ ପ୍ରକଳ୍ପର ସମ୍ପ୍ରସାରଣ, ବାଘଲଟି ଜଳ ସେଚନ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଦାବି ପ୍ରସ୍ତାବରେ ଦର୍ଶାଯାଇଥିଲା। ଏଥିପ୍ରତି ମଧ୍ୟ ସରକାର ଅଣଦେଖା କରିଛନ୍ତି।

ବର୍ଷେ ବିତିବାକୁ ଯାଉଥିବା ବେଳେ ନ୍ୟାଯ୍ୟ ଦାବିଗୁଡ଼ିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇନାହାନ୍ତି। ଜିଲା ବିଜେଡି ସଭାପତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ନ ଥିଲେ ମଧ୍ୟ ସାଧାରଣ ସମ୍ପାଦକ ତଥା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା କହିଛନ୍ତି, ଦାବି ପୂରଣ ପାଇଁ ସରକାରଙ୍କ ଆନ୍ତରିକତା ରହିଛି। ଗତ ନିର୍ବାଚନରେ ସମସ୍ତେ ବ୍ୟସ୍ତ ରହିବାରୁ ବିଳମ୍ବ ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ଦଳର ବିଧାୟକମାନେ ଭେଟି ସମସ୍ୟା ସମାଧାନ ପାଇଁ ଅନୁରୋଧ କରାଯିବ। କେତେକ ପ୍ରସଙ୍ଗ ନେଇ ବିଧାନସଭାରେ ଉପସ୍ଥାପିତ କରାଯିବାର ସେ ସୂଚାଇଛନ୍ତି।

## ଛୁଟି ଦିନରେ ସାହି ସଫେଇ



ସାହିବାସୀ ଅଞ୍ଚଳକୁ ସଫା କରୁଛନ୍ତି।

**ବ୍ରହ୍ମପୁର ଅଫିସ୍,୧୬।୬**

ହାଉସିଂବୋର୍ଡ଼ ସ୍ଥିତ ହରିକୃଷ୍ଣ ନଗର ଉନ୍ନୟନ କମିଟି ପକ୍ଷରୁ ରବିବାର ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛୁଟି ଥିବା ଯୋଗୁ ସାହିବାସୀ ନିଜ ଅଞ୍ଚଳକୁ ସଫା କରିଥିଲେ। ନିଜେ ଝାଡ଼ୁ ଧରିଥିଲେ। କମିଟି ସଭାପତି କେ.ବିଶ୍ୱେଶ୍ୱର ରାଓ, ଉପସଭାପତି ନିରଞ୍ଜନ ସାବତ ଏବଂ ରମେଶ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ଅଶୋକ କୁମାର ଦାଶ, ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ଦାଶ, ପ୍ରସାଦ ରଥ, କିରଣ କୁମାର ମିଶ୍ର, ସତ୍ୟନାରାୟଣ ସୁବୁଦ୍ଧି, ପି. ବର୍ମା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାରଥି ସେଠୀ, କେ.ଚନ୍ଦ୍ରଶେଖର ଏବଂ କୋଷାଧ୍ୟକ୍ଷ କାମେଶ୍ୱର ରାଓ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

## କୋଠଘର ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ୍,୧୬।୬**

୭ ନଂ. ୱାର୍ଡ଼ ଅନ୍ତର୍ଗତ ବାଲ୍ମୀକିପେଟା ସାହିରେ ରବିବାର ଏକ କୋଠଘର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଓଡ଼ଗାଁ ରଘୁନାଥ ମନ୍ଦିର ପୂଜକ ନାରାୟଣ ମହାପାତ୍ର, ପୂର୍ବତନ କର୍ପୋରେଟର ରାକେଶ ସାହୁ ଓ ଟି.ଗୋପୀ ପ୍ରମୁଖ ଯୋଗ ଦେଇଥିଲେ। ସାହିବାସୀଙ୍କ ପକ୍ଷରୁ ଏକ ଶୋଭାଯାତ୍ରାରେ ନବନିର୍ବାଚିତ ବିଧାୟକ ପଣ୍ଡାଙ୍କୁ ପାଛୋଟି ନେଇଥିଲେ। ବି. ଦୁର୍ଗା ରାଓ, ବି.ଭିଗ୍‌ନେଶ, ବି.କୃଷ୍ଣମୂର୍ତ୍ତି ଓ ଉମା ସେନାପତିଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ



ଜଣେ ଛାତ୍ରୀଙ୍କୁ ବିଧାୟକ ବିକ୍ରମ କୁମାର ପଣ୍ଡା ପାଠ୍ୟ ପୁସ୍ତକ ପ୍ରଦାନ କରୁଛନ୍ତି।

**ବ୍ରହ୍ମପୁର ଅଫିସ୍,୧୬।୬**

ଶ୍ରୀ ଚୌଡ଼େଶ୍ୱରୀ ଦେବାଙ୍ଗ ସଂଘ ଶିକ୍ଷା କମିଟିର ୨୩ତମ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୪ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା। ଏଥି ସହ ଦଶମ ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ଏ. ରୋହିତଙ୍କୁ ସ୍କଲାର୍‌ଶିପ୍ ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷା କମିଟି ଉପସଭାପତି କେ. ଚନ୍ଦ୍ରେୟା, ଅଧ୍ୟକ୍ଷ ଏ. ନନ୍ଦରାଜ, ଚୌଡ଼େଶ୍ୱରୀ ଦେବାଙ୍ଗ ସଂଘ ସଭାପତି କେ.ଲକ୍ଷ୍ମଣ ରାଓ, ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ ସଭାପତି ଟି. ଗୋପୀ, ଦେବାଙ୍ଗ ୱେଲଫେୟର୍ କମିଟି ଚେୟାର୍‌ମ୍ୟାନ୍ ଏନ୍. ରାମା ରାଓ, ଦେବାଙ୍ଗ କଲ୍ୟାଣ ମଣ୍ଡପ ସଭାପତି କେ. ପୋଲେୟା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତି ବର୍ଷ କମିଟି ପକ୍ଷରୁ ଅଷ୍ଟମରୁ ଦଶମ ଶ୍ରେଣୀର ୨୫ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥାଏ। ଏଥି ସହ ପେସାଦାର ଶିକ୍ଷା ପାଇଁ ମଧ୍ୟ ସ୍କଲାରଶିପ୍ ଦିଆଯିବ। ପୂର୍ବତନ କାଉନସିଲର୍ ଏମ୍. ଜଗଦୀଶ୍ୱେର ରାଓ, କେ. ଭୀମ ରାଜୁ ଓ କିଶୋର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସରପଞ୍ଚଙ୍କୁ ହତ୍ୟା ଉଦ୍ୟମ ଘଟଣା, ୨ ଅଟକ

**ଦିଗପହଣ୍ଡି,୧୬।୬(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ବଛପଲ୍ଲୀ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଅଭିଯୁକ୍ତ ଦ୍ୱୟଙ୍କୁ ଜେରା ଚାଲିଥିବାବେଳେ ତଦନ୍ତରେ ବାଧା ଆଶଙ୍କାରେ ଉଭୟଙ୍କ ନାଁ ଓ ଠିକଣା ଗୋପନ ରଖାଯାଇଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି। ଗତ ଶୁକ୍ରବାର ରାତି ପ୍ରାୟ ୮ଟାରେ ମହୁଡ଼ା-ଚାଞ୍ଚଡ଼ାପଲ୍ଲୀ ମୁଖ୍ୟରାସ୍ତାରେ ଲାଠିଗାଁର ଜଣେ ପେଶାଦାର ଅପରାଧୀ ଚେରୁ ଦାଦାବଟି ଆଦାୟକୁ କେନ୍ଦ୍ରକରି ସରପଞ୍ଚଙ୍କୁ ବୋମାମାଡ଼ ପାଇଁ ଯୋଜନା କରିଥିଲେ। ଅସାବଧାନତା କାରଣରୁ ଚେରୁ ଧରିଥିବା ବୋମା ବିସ୍ଫୋରଣ ହେବାରୁ ତାଙ୍କ ଡ଼ାହାଣ ହାତ ପାପୁଲି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଘଟଣାରେ ସୁପାରିକିଲରଙ୍କ ହାତଥିବା ସନ୍ଦେହ କରାଯାଉଛି। ଦିଗପହଣ୍ଡି ଥାନା ଇଲାକାରେ ଛୋଟ ଛୋଟ ଗଣ୍ଡଗୋଳକୁ କେନ୍ଦ୍ରକରି ହିଂସା ବଢୁଛି।

ଅପରାଧୀଙ୍କ ସହ ପୋଲିସର ଗୁପ୍ତ ସମ୍ପର୍କ ଯୋଗୁ ଅପରାଧ ବଢୁଥିବା ଚର୍ଚ୍ଚା ହେଉଛି। ଏନେଇ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏଭଳି ଅଭିଯୋଗକୁ ଅସ୍ୱୀକାର କରିବା ସହ ଅପରାଧ ଓ ଅପରାଧୀଙ୍କୁ ଦମନ କ୍ଷେତ୍ରରେ ସାଧାରଣ ଜନତାଙ୍କ ସହଯୋଗ ଆବଶ୍ୟକ ବୋଲି କହିଛନ୍ତି।

## ଦୁର୍ଦ୍ଦାନ୍ତ ଅପରାଧୀ କାହ୍ନୁ ଗିରଫ

**ଜଗନ୍ନାଥପ୍ରସାଦ,୧୬।୬(ଡି.ଏନ.ଏ.)**



ଗିରଫ ଅଭିଯୁକ୍ତ।

ଜଣେ କୁଖ୍ୟାତ ଅପରାଧୀଙ୍କୁ ଖଣ୍ଡଗିରି ପୋଲିସ ତପୋବନ ବସ୍ତିରୁ ଗିରଫ କରି ରବିବାର ଜଗନ୍ନାଥପ୍ରସାଦ ପୋଲିସ ଜିମା ଦେଇଛି। ସେ ହେଲେ ଜଗନ୍ନାଥପ୍ରସାଦ ଥାନା ପଟାଧର ଗ୍ରାମର କାହ୍ନୁ ସ୍ୱାଇଁ (୨୬)। ସ୍ଥାନୀୟ ଥାନାଧିକାରୀ ଯୁବରାଜ ସ୍ୱାଇଁଙ୍କ ସୂଚନା ପ୍ରକାରେ, କାହ୍ନୁଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଏପ୍ରିଲ ୭ ତାରିଖରେ ତାଙ୍କ ନାଁରେ ଜଗନ୍ନାଥପ୍ରସାଦ ଥାନାରେ ନଂ. ୫୫/୧୯ ଧାରା ୩୯୯, ୪୦୨, ଧାରା ୪/୫, ବିସ୍ଫୋରକ ରଖିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। କିନ୍ତୁ କାହ୍ନୁ କୌଶଳକ୍ରମେ ଭୁବନେଶ୍ୱର ପଳାଇଥିଲେ। ଏହି ଘଟଣା ପରଠାରୁ ସ୍ଥାନୀୟ ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି କାହ୍ନୁଙ୍କୁ ଧରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା। ଖଣ୍ଡଗିରି ପୋଲିସ କାହ୍ନୁଙ୍କୁ ଧରିବା ପରେ ଜଗନ୍ନାଥପ୍ରସାଦ ପୋଲିସ ତାଙ୍କୁ ନିଜ ଜିମାକୁ ନେଇ ପଚାରଉଚରା କରିଥିଲା। ରବିବାର କାହ୍ନୁଙ୍କୁ ଭଞ୍ଜନଗର କୋର୍ଟଚାଲାଣ କରାଯାଇଛି।

## ଡକାୟତି ମାମଲାରେ ଅଭିଯୁକ୍ତ ଗିରଫ

**ଆସିକା,୧୬।୬(ଡି.ଏନ୍.ଏ.)**

ଆସିକା ଥାନା ଇଲାକାରେ ଗତ ମାର୍ଚ୍ଚରେ ଘଟିଥିବା ଏକ ଡକାୟତି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ବିଳମ୍ବିତ ରାତିରେ ବ୍ରହ୍ମପୁରରୁ ଗିରଫ କରିଛି। ସେ ହେଲେ ବ୍ରହ୍ମପୁରର ନରସିଂହ ବାଡତ୍ୟା। ରବିବାର ଅପରାହ୍ନରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସୂଚନାଯୋଗ୍ୟ, ମାର୍ଚ୍ଚ ୧୩ ବିଳମ୍ବିତ ରାତିରେ ବ୍ରହ୍ମପୁରରୁ ଏକ ପିକଅପ୍ ଭ୍ୟାନ୍‌ରେ ପ୍ରାୟ ୯ଲକ୍ଷ ୫୦ ହଜାର ଟଙ୍କାର ପାନମସଲା ବୋଝେଇ ହୋଇ ନୟାଗଡ ଯାଉଥିଲା। ରାସ୍ତାରେ ଆସିକା ସହର ଉପକଣ୍ଠ ନୂଆଗାଁଠାରେ ୪ ବାଇକ୍‌ରେ ୮ଜଣ ଦୁର୍ବୃତ୍ତ ପିକଅପ୍ ଭ୍ୟାନ୍‌କୁ ଅଟକାଇ ଡ୍ରାଇଭର ଓ ଗାଡିରେ ବସିଥିବା ୨ଜଣ ସହଯୋଗୀଙ୍କୁ ବନ୍ଧୁକ ଦେଖାଇ ମାଡମାରି ଗାଡିରୁ ଓହ୍ଲାଇ ପିକଅପ୍ ଭ୍ୟାନ୍ ନେଇ ଫେରାର୍ ହୋଇଯାଇଥିଲେ। ଡ୍ରାଇଭରଙ୍କ ଅଭିଯୋଗ କ୍ରମେ ଆସିକା ଥାନାରେ ନଂ.୮୧/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର ୫ ଦିନ ପରେ ପୋଲିସ ପାନ ମସଲା ସହ ପିକଅପ୍ ଭ୍ୟାନକୁ ଗୋଳନ୍ଥରା ଥାନା ରାମପଲ୍ଲୀ ଗ୍ରାମ ନିକଟରୁ ଉଦ୍ଧାର କରିଥିଲା। ଏହି ମାମଲାରେ ପୂର୍ବରୁ ୫ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବାବେଳେ ଆଉ ୨ଜଣ ଅଭିଯୁକ୍ତ ଫେରାର୍ ଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

## ଦୁଇ ଦିନିଆ ରଜ ମଉଜ

**କାଶୀନଗର, ୧୬।୬(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗରରେ ଆଡମ୍ବର ସହକାରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଉର୍ମିଳା ଗୌଡ଼ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ୨ ଦିନିଆ ଉତ୍ସବକୁ ଶନିବାର ସମାଜସେବିକା ସ୍ୱୟଂପ୍ରଭା ପୃଷ୍ଟି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଯୋଗ ଦେଇଥିବାବେଳେ ଦ୍ୱିତୀୟ ଦିନରେ ଡ଼ା.ସୁଜ୍ଞାନୀ ମହାରଣା ଯୋଗ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି କବି ପ୍ରଶାନ୍ତ ମିଶ୍ର ଏବଂ ସମ୍ମାନୀତ ଅତିଥି ଭାବେ ପୋଲିସ ଏସ୍‌ଆଇ ଲିଜା ନାୟକ, ମମତା ପଣ୍ଡା, ଡ଼ା. ନିହାର ରଞ୍ଜନ ସାହୁ ମଞ୍ଚାସୀନ ଥିଲେ।

## ୧୩ ଶିବିରରେ ୨ଶହ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର ଅଫିସ୍,୧୬।୬**

ବ୍ରହ୍ମପୁର ରକ୍ତଭଣ୍ଡାରରେ ଦେଖାଦେଇଥିବା ରକ୍ତ ଅଭାବ ଦୂର କରିବା ପାଇଁ ପ୍ରୟାସ ଚାଲିଛି। ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଗୁଣ୍ଠବନ୍ଧ, ମାରୱାଡ଼ି ମହିଳା ସମିତି, ନେଚର୍ସଲଭର୍ସ ଓଡ଼ିଶା, ବଙ୍କ୍ସି ଓଡ଼ିଶା ମିଳିତ ସହଯୋଗରେ 'ଆସନ୍ତୁ ଗଢ଼ିବା ରକ୍ତ ସମ୍ପର୍କ' ଅଭିଯାନ ଚାଲିଛି। ଏହି ଅଭିଯାନର ୧୩ତମ ଶିବିର ରବିବାର ଆୟୋଜିତ ହୋଇଥିଲା। ଏଥିରେ ୯ୟୁନିଟ୍ ସଂଗ୍ରହ ହୋଇଥିଲା। ଏଥି ସହ ସମସ୍ତ ୧୩ଟି ଯାକ ଶିବିରରେ ମୋଟ ୨ଶହ ୟୁନିଟ୍ ସଂଗ୍ରହ ହୋଇଯାଇଛି। ଡା. ରଶ୍ମିତା ପାଣିଗ୍ରାହୀ ଏବଂ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ବନମାଳୀ ପ୍ରଧାନ, ସନିଆ ଗୌଡ଼, ସୁଶୀଲ କୁମାର, ସୁନୀଲ ପାତ୍ର, ମହିଳା ସମିତି ସମ୍ପାଦିକା ରୁବି ଖେମାନୀ ଏବଂ ନେଚର୍ସ ଲଭର୍ସ ଓଡ଼ିଶା ଆବାହକ ଶ୍ରୀନିବାସ ରାଜନା ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ମନ ଜିଣିଲା ସଖୀନାଚ, ମୋହିନୀୟତ୍ୟମ୍ ନୃତ୍ୟ

**ବ୍ରହ୍ମପୁର ଅଫିସ,୧୬।୬**

ପ୍ରସନ୍ନାକ୍ଷୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ 'ପଞ୍ଚମବେଦ' ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଦେଶକ ନୁର ରାଜାଙ୍କ ପୌରୋହିତ୍ୟରେ ହିଲ୍‌ପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ କନିଷ୍ଠ ତହସିଲଦାର ଅନୀତା କୁମାରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଞ୍ଜାମ କଳା ଓ ସଂସ୍କୃତିର ପରାକାଷ୍ଠା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଆର. ମୁରଲୀ ମୋହନ, ସୁଦୀପ ସାହୁ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ କର୍ପୋରେଟର ସଙ୍ଘମିତ୍ରା ଦଳାଇ, ପୂର୍ବତନ ସଂସ୍କୃତି ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଚକ୍ଷୁ ବିଶେଷଜ୍ଞ ରାଜେନ୍ଦ୍ର କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ପାରଳାଖେମୁଣ୍ଡି, ଦିଗପହଣ୍ଡି, ରାଉରକେଲା, ବଲାଙ୍ଗୀର, ଭୁବନେଶ୍ୱର ସମେତ ପଶ୍ଚିମବଙ୍ଗ, ବିଶାଖାପାଟଣା, ଇନ୍ଦୋର, ଚେନ୍ନାଇ, ସୁରଟରୁ ବହୁ ସୁନାମଧନ୍ୟ ନୃତ୍ୟ ଶିଳ୍ପୀ ଭାଗ ନେଇଥିଲେ । କୋଲକାତାର ଶିଳ୍ପୀ ସୁପ୍ରିୟା ସର୍ଦାର ଚାଟାର୍ଜୀ, ବିଶ୍ୱଜିତ ଚକ୍ରବର୍ତ୍ତୀ, ସୁବାଶିଷ ଆଚାର୍ଯ୍ୟଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା । କ୍ରିଷ୍ଣାନାରାୟଣ ଦାଶଙ୍କ ଗୋଟିପୁଅ, ସଞ୍ଚାରୀ ରଏ ଭାରତନାଟ୍ୟମ୍, ଆଶିଷ ପିଲାଇଙ୍କ କଥକ, ଦିଗପହଣ୍ଡି ଇମେଜିଂ ଆର୍ଟସ ଏକାଡେମୀର କୁନି ଶିଶୁଙ୍କ ଓଡ଼ିଶୀ ନୃତ୍ୟ ଓ ବିଚିତ୍ର ବଣ୍ଡାଲୀ ନାଟ୍ୟ ସଂସଦ କଳାକାରଙ୍କ ଦ୍ୱାରା ପରିବେଷିତ ସଖୀନାଚ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା । ଏହାବ୍ୟତୀତ ଓଡ଼ିଶୀ ସଙ୍ଗୀତ ପରିଷଦ ପକ୍ଷରୁ ପରିବେଷିତ ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତ ଗୁରୁ ସନ୍ତୋଷ କୁମାର ବେହେରାଙ୍କ ଓଡ଼ିଶୀ ସଙ୍ଗୀତ ଦର୍ଶକଙ୍କୁ ବିଭୋର କରିଥିଲା। ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଚେନ୍ନାଇର ମୋହିନୀୟତ୍ୟମ ନୃତ୍ୟ ଗୁରୁ ଡ. ସମ୍ପ୍ରିଥ କେଶବନ, କୋଲକାତା ଭାରତନାଟ୍ୟମ ଗୁରୁ ଦେବଯାନୀ ବସୁ, ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟ ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ସ୍ନେହପ୍ରଭା ସାମନ୍ତରାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାଶ, ବିଦ୍ୟାବାଣୀ ତଥା ମର୍ଦ୍ଦଳ ନିର୍ଦ୍ଦେଶକ ଗୁରୁ ଧନେଶ୍ୱର ସ୍ୱାଇଁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଜିତ କୁମାର ରାଜୁ, ଆଭା ପାଣିଗ୍ରାହୀ, ରାଜେଶ୍ୱରୀ ବେହେରା, ମିଳନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଦେଇଥିଲେ । ଦିଲ୍ଲୀପ ରାଓ, ରାହୁଲ ପଣ୍ଡା ଓ ଅଞ୍ଜଳି ବେହେରାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।



ଶିଳ୍ପୀମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରୁଛନ୍ତି ।

> **'ପଞ୍ଚମବେଦ' ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ**

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଫୁଲବାଣୀ ଅଫିସ, ୧୬।୬:** କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଜାମଝରୀ ପଞ୍ଚାୟତ କ୍ଷେତାପାଜୁ ଗ୍ରାମ ପାଖ ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କ୍ଷେତାପାଜୁର ଦିଜବର ମଲ୍ଲିକ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦିଜବର ସାଥୀ ଶ୍ୟାମଘନ ମଲ୍ଲିକ ଏବଂ ରବୀନ୍ଦ୍ର ମଲ୍ଲିକ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲେ। ସାଥିରେ ଗୋଟିଏ କୁକୁର ନେଇଥିଲେ। ଜଙ୍ଗଲରେ କାଠ କାଟୁଥିବା ବେଳେ ଭାଲୁ ହାବୁଡରେ ପଡି ଯାଇଥିଲେ। ଭାଲୁକୁ ଦେଖି ଶ୍ୟାମଘନ ଏବଂ ରବୀନ୍ଦ୍ର ଗଛ ଉପରକୁ ଚଢି ଯାଇଥିବାବେଳେ ଦିଜବର ଅଧା ଚଢ଼ିଥିବାବେଳେ ଭାଲୁ ଗୋଡକୁ କାମୁଡି ଧରିଥିଲା। କୁକୁର ଭାଲୁଟିକୁ ଭୁକି ଗୋଡାଇ ଯିବାରୁ ସେ ଦିଜବରଙ୍କୁ ଛାଡି ଜଙ୍ଗଲ ମଧ୍ୟକୁ ପଳାଇଥିଲା। ଆକ୍ରମଣରେ ଦିଜବରଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବାବେଳେ ଛାତିରେ ଗଭୀର ଆଘାତ ଲାଗିଛି।

### ଗୁଳି ମାଡ଼ରେ ଜଣେ ଗୁରୁତର



**ଫୁଲବାଣୀ ଅଫିସ, ୧୬।୬:** କନ୍ଧମାଳ ଜିଲା ଚକାପାଦ ବ୍ଲକ ଟିକାବାଲି ଥାନା ମିଣିଆଖଡି ଜଙ୍ଗଲରେ ଗୁଳି ମାଡରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଆରାବାକା ପଞ୍ଚାୟତ କାମ୍ପିରିକିଆ ଗ୍ରାମର ଜନକ ମଲ୍ଲିକ। ତାଙ୍କୁ ପ୍ରଥମେ ଟିକାବାଲି ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡର ପ୍ରକୃତ କାରଣ ଜଣା ପଡି ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଜଙ୍ଗଲକୁ କାଠ କାଟିବା ପାଇଁ ଜନକ ଓ ଭାଇ ବିଶ୍ୱନାଥ ଯାଇଥିଲେ। ଗଛ କାଟୁଥିବା ବେଳେ ଜନକଙ୍କ ବାମ ଜଙ୍ଘରେ ପଛପଟୁ ହଠାତ ଏକ ଗୁଳି ଆସି ବାଜିଥିଲା। ସେ ଚିତ୍କାର କରି ତଳେ ପଡି ଯାଇଥିଲେ। ଆଗରେ ଥିବା ଭାଇ ବିଶ୍ୱନାଥ ଆସି ଦେଖିଲା ପରେ ସଙ୍ଗେ ସଙ୍ଗେ ଗ୍ରାମ ଲୋକଙ୍କୁ ଡାକିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ଟିକାବାଲି ମେଡିକାଲକୁ ଅଣାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଜନକ କୁହନ୍ତି, ଲଙ୍ଗଳ ପାଇଁ କାଠ ହାଣିବାକୁ ଜଙ୍ଗଲକୁ ଯାଇଥିଲୁ। କାଠ କାଟିଲା ବେଳେ ହଠାତ ପଛପଟୁ କ'ଣ ଗୋଟେ ଆସି ମୋ ଜଙ୍ଘରେ ପଶିଗଲା। ମୁଁ ଦେଖିବାବେଳକୁ ଗୁଳି ବାଜି ରକ୍ତ ବାହାରୁଛି। ସେହିପରି ଘଟଣା ସଂକ୍ରାନ୍ତରେ ଟିକାବାଲି ଥାନାଧିକାରୀ ଆଦିତ୍ୟ କୁମାର ସେଠୀଙ୍କୁ ପଚାରିବାରୁ ଗୁଳିମାଡ କଥା ଆମେ ମେଡିକାଲରୁ ଜାଣିବାକୁ ପାଇଛୁ। କେହି ଥାନାରେ ଏତଲା ଦେଇନାହାନ୍ତି। ଆମେ ତଦନ୍ତ ଜାରି ରଖିଛୁ ବୋଲି କହିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କଲେ ଶିକାର କରିବାକୁ ଯାଇଥିବାବେଳେ ନିଜ ବନ୍ଧୁକରୁ ଗୁଳି ଫୁଟି ଆହତ ହୋଇଥିବା ଅନୁମାନ କରାଯାଉଛି।

## ■ ଭଞ୍ଜନଗରରେ ବଢୁଛି ପ୍ଲାଷ୍ଟିକ୍ ବ୍ୟବହାର

# ପରିମଳ ସେବା ଉପରେ ଏନ୍ଏସିର ନିୟନ୍ତ୍ରଣ ନାହିଁ

**ଭଞ୍ଜନଗର, ୧୬।୬(ଡି.ଏନ.ଏ.)**

ନିର୍ଦ୍ଦିଷ୍ଟମାନର ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସୁପ୍ରିମକୋର୍ଟ ପ୍ରତିବନ୍ଧକ ଲଗାଇଛି। ଏନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶପରେ ରାଜ୍ୟସାରା ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ଉପରେ ଜନସଚେତନତା କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିଲା। ବ୍ୟବସାୟ ପ୍ରତିଷ୍ଠାନ ଉପରେ ଜରିମାନା ପକାଯାଇଥିଲା। ଏହିଭଳି ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ଓ ଏନ୍ଏସି କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ଛୋଟ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢାଉ କରି ବ୍ୟବସାୟୀଙ୍କୁ ଜରିମାନା ପକାଇଥିଲେ। ଏହାପରେ ପଲିଥିନ ବ୍ୟବହାର ସହରରେ ପ୍ରାୟ କମିଯାଇଥିଲା। କିନ୍ତୁ କିଛିମାସ ପରେ ପ୍ରଶାସନ ଚୁପ୍ ବସିଯିବାପରେ ବର୍ତ୍ତମାନ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବହୁ ପରିମାଣରେ ବଢିଯାଇଛି। ଦୌନନ୍ଦିନ ଭଞ୍ଜନଗର ସହରର ରାସ୍ତାକଡ଼ରେ ବସ୍ତାବସ୍ତା ବ୍ୟବହୃତ ପଲିଥିନ ଓ ପ୍ଲାଷ୍ଟିକ୍ ବୋତଲ ପଡ଼ିଥିବା ଦେଖିବାକୁ ମିଳୁଛି। ଜରିଗୋଟାଳିମାନେ ଏହାକୁ ସକାଳୁ ଗୋଟାଇ ନେଇ କବାଡ଼ିବାଲାଙ୍କୁ ବିକ୍ରି କରୁଛନ୍ତି। ଗୋଟିଏ ପଟେ ଉକ୍ତ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର ପାଇଁ ଉପଯୋଗୀ ହୋଇନଥିବା ବେଳେ ତାକୁ ତରଳାଇ ପୁଣି ପ୍ଲାଷ୍ଟିକ କରିବା ଯୋଜନା କରୁଛନ୍ତି କମ୍ପାନୀ ଗୁଡ଼ିକ। ଯାହାକି ପରିବେଶ ପାଇଁ ବିପଦ। ତଥାପି ପ୍ରଶାସନ ନୀରବ। ପ୍ଲାଷ୍ଟିକ ଓ ପଲିଥିନ ପ୍ରସ୍ତୁତ କରୁଥିବା କମ୍ପାନୀ ଉପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଉନାହିଁ। ସରକାରଙ୍କ ଆଭିମୁଖ୍ୟକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପଟେ ଭଞ୍ଜନଗର ସହରରେ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଛିଦିନ ପୂର୍ବେ ସହରର ପରିମଳ ସେବା ସୁଧାରିବା ପାଇଁ ଏନଏସି କର୍ମଚାରୀ ଓ ଅଧିକାରୀଙ୍କୁ ନେଇ ସଚେତନତା ବୈଠକ ହୋଇଥିଲା। ବୈଠକ ପରେ ସହରର ପରିମଳ ସେବା ସୁଧୁରିଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଭଳି ବିଶେଷ କିଛି ପରିମଳ ସେବାରେ ପରିବର୍ତ୍ତନ ଆସି ନ ଥିବା ଅନୁମାନ କରାଯାଉଛି। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କିଛି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ନଚେତ ବର୍ଷାଦିନେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ।



ଜଣେ ମହିଳା ରାସ୍ତାକଡରୁ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଛନ୍ତି।

## ଫେରାର୍ ରୋଡ ରୋମିଓ କୋର୍ଟଚାଲାଣ

**ଗୋପାଳପୁର, ୧୬।୬**

ଜଣେ ନାବାଳିକାଙ୍କୁ କମେଣ୍ଟ ମାରିବା ଓ ଟଣାଓଟରା କରିବା ଘଟଣାରେ ଫେରାର୍ ରୋଡ ରୋମିଓଙ୍କୁ ଗୋଳନ୍ଥରା ପୋଲିସ ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ପଞ୍ଚମାର ହରିହର ଦାସ। ନାବାଳିକାଙ୍କ ଅଭିଯୋଗ କ୍ରମେ ଗୋଳନ୍ଥରା ପୋଲିସ ନଂ.୩୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳିକା ଜଣକ ଫେବୃଆରୀ ୧୭ରେ କୋଚିଂ ସେଣ୍ଟର ଯାଉଥିବାବେଳେ ହରିହର ତାଙ୍କୁ ପିଛା କରି ରାସ୍ତାରେ କମେଣ୍ଟ ମାରିବା ସହ ଟଣାଓଟରା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହରିହର ଦୀର୍ଘଦିନ ହେଲା ପୋଲିସ ଆଖିରେ ଧୂଳିଦେଇ ଚାଲିଥିଲେ। ଶନିବାର ରାତିରେ ହରିହର ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ପୂର୍ବରୁ ଜଣେଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ହରିହର ଜେଲ ଯାଇଥିଲେ।

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ଲିପ୍ସା ପରିଡ଼ା**
ନୟାଗଡ଼, ଗୋଡ଼ିପଡ଼ା, ବାଦଭୁଇଁ
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକ ଉପଲକ୍ଷେ ଜୟ ମା କାଳୀ ବୁଢୀ ବ୍ରାହ୍ମଣୀ ଦେବୀଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେ ମା, ଅଜା, ଆଈ, ବାପା,ମାମା, ଦାଦା, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୭୫

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀୟା
**କିର୍ତ୍ତିକା ପ୍ରଧାନ**
ବରଅରା, ଅରଗୁଳ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ମା ବରୁଣେଇଁ ଗ୍ରାମଦେବୀ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
ଅଶେଷ ଶୁଭେଚ୍ଛା ଓ ଶୁଭକାମନା ସହିତ: ବାବା: ପ୍ରଶାନ୍ତ କୁମାର ପ୍ରଧାନ, ମାମା: ପ୍ରଣତି ମଲ୍ଲିକଙ୍କ ସହିତ ପରିବାର ଓ ବନ୍ଧୁବର୍ଗ।
ଧ-୧୩୦୦୦

# ପଥରକନାଲିରେ ରଜ ମହୋତ୍ସବ

**ଫୁଲବାଣୀ ଅଫିସ, ୧୬।୬**

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ କେରେଡି ପଞ୍ଚାୟତ ପଥରକନାଲି ଗ୍ରାମରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କିଶୋରୀ ବାଳିକା ସଂଘ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବକୁ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଉଦ୍‌ଘାଟନ କରିଥିଲେ। ପ୍ରଥମେ ରଜକେକ୍ କଟାଯିବା ପରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ପୋଡପିଠା ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଏହାପରେ କିଶୋରୀ ବାଳିକାଙ୍କ ମଧ୍ୟରେ ପୁଚିଖେଳ, ମ୍ୟୁଜିକ୍ ଚେୟାର, ଛୋଟ ପିଲାଙ୍କୁ ନେଇ ଚକୋଲେଟ ଖେଳ, ପ୍ରଶ୍ନୋତ୍ତର ଏବଂ ଦୋଳିଖେଳ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଦେବୀ କହଁର, ଉପାଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳ, ଗ୍ରାମ ମୁଖିଆ ନୀଳାଦ୍ରି କହଁର, ୱାର୍ଡ ସଭ୍ୟ ସୁରେଶ କହଁର ପ୍ରମୁଖ ଯୋଗଦେଇ ରଜ ମହୋତ୍ସବ ପାଳନ ଏବଂ ସଂସ୍କୃତି ଉପରେ ମତ ରଖିଥିଲେ।



ପିଲାମାନେ ଚକୋଲେଟ ଖାଇବା ଖେଳ ଖେଳୁଛନ୍ତି।

ସେହିପରି ଗ୍ରାମରେ ଥିବା ଶିଶୁ ସମସ୍ୟା ଉପରେ ଚାଇଲ୍ଡଲାଇନ ସଦସ୍ୟ ଶିବ ଶଙ୍କର ବେହେରା ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ କରି ଗ୍ରାମକୁ ରାସ୍ତା, ଗ୍ରାମରେ ଥିବା ପାନୀୟଜଳ ସମସ୍ୟା, ଜରୁରୀକାଳୀନ ମୋବାଇଲ ସେବା ପାଇଁ ମିନି ଟାୱାର ନିର୍ମାଣ, ଅସହାୟ ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ସହାୟତା ଉପରେ କହିଥିଲେ। ଚାଇଲ୍ଡ ଲାଇନ ସଂଯୋଜକ ଦୋଳଗୋବିନ୍ଦ ମହାରଣା ଚାଇଲ୍ଡ ଲାଇନର ୧୦୯୮ ସେବା ଏବଂ ଗ୍ରାମବାସୀଙ୍କ ଭୂମିକା ଉପରେ ସୂଚନା ଦେଇଥିଲେ। ନାରାୟଣ କହଁର ଧନ୍ୟବାଦ ଦେଇଥିଲେ। ଶେଷରେ କିଶୋରୀ ବାଳିକାମାନଙ୍କ ଦ୍ୱାରା ବାଲ୍ୟ ବିବାହ ସମ୍ପର୍କିତ ନାଟକ ପରିବେଷଣ କରାଯାଇଥିଲା। ଚାଇଲ୍ଡ ଲାଇନ ସଦସ୍ୟ ଦିଲୀପ ଦାସ, ଅନୁପ କୁମାର ସାହୁ, ରାଜଲକ୍ଷ୍ମୀ ମହାକୁଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାଙ୍କଡ଼ ଆକ୍ରମଣରେ ୨୨ ଆହତ

**ବ୍ରହ୍ମପୁର ଅଫିସ, ୧୬।୬**

ପୋଲସରାରେ ମାଙ୍କଡ଼ ଆକ୍ରମଣରେ ୨୨ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ନିକଟ ଜଙ୍ଗଲରୁ ଅବାଧରେ ପୋଲସରା ସହରକୁ ମାଙ୍କଡ଼ମାନେ ପଶି ଆସି ଗତ ଏକ ସପ୍ତାହ ହେଲା ସ୍ଥାନୀୟ ରାଣିପଡା ସାହିର ବନମାଳୀ ଗୁରୁ, ବିଜୟ କାଣ୍ଡି, ପପୁ କାଣ୍ଡି, ବାସନ୍ତୀ ଗୌଡ, ଗୋପୀ ବାଢେଇ, କାଳୁ ସ୍ୱାଇଁ, ଇନ୍ଦୁ କରଣଙ୍କ ସମେତ ୨୨ ଜଣଙ୍କୁ ଆକ୍ରମଣ କରିଥିଲେ। ଅସହ୍ୟ ଗରମରୁ ରକ୍ଷା ପାଇଁ ଲୋକେ ଛାତ, ପିଣ୍ଡା ଆଦିରେ ଶୋଇଥିବା ବେଳେ ମାଙ୍କଡ଼ମାନଙ୍କ ଶିକାର ହୋଇଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦା ପୋଲସରା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁଙ୍କୁ ବହୁବାର ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ, ଯାହାକୁ ନେଇ ରବିବାର ରାଣିପଡାର ସ୍ଥାନୀୟ ଲୋକ ଏକତ୍ରିତ ହୋଇ ପୋଲସରା ବନାଞ୍ଚଳ ଅଧିକାରୀଙ୍କୁ ଘେରିଥିଲେ। ବନାଞ୍ଚଳ ଅଧିକାରୀଙ୍କ ଆଚରଣ ଉଚ୍ଚାରଣରେ କୌଣସି କାର୍ଯ୍ୟ ହେଉ ନ ଥିବା ବେଳେ ସ୍ଥାନୀୟ ବାସିନ୍ଦା ଦୃଢ଼ ପ୍ରତିବାଦ କରି ଏହାର ବିଧିବଦ୍ଧ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଜନଆନ୍ଦୋଳନ ହେବ ବୋଲି କହିଛନ୍ତି।

## ■ ପାଟସେବା ଉପରେ ଆଲୋଚନାଚକ୍ର

# ପଞ୍ଚାନନ, ଶୁଳପାଣି ସମ୍ବର୍ଦ୍ଧିତ



ପଞ୍ଚାନନ, ଶୁଳପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଞ୍ଜନଗର, ୧୬।୬(ଡି.ଏନ.ଏ.)**

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ବରିଷ୍ଠ ଗ୍ରନ୍ଥପାଳ ପଞ୍ଚାନନ ପାଳ ଓ ବନ ବିଭାଗର ଅବସରପ୍ରାପ୍ତ କିରାଣୀ ଶୁଳପାଣି ଶତପଥୀଙ୍କୁ ଭୁବନେଶ୍ୱର କିସ୍ ପରିସରସ୍ଥିତ ଜଗନ୍ନାଥମନ୍ଦିରରେ ଶନିବାର ପାଟ ସେବା ଉପରେ ଏକ ଆଲୋଚନାଚକ୍ର ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ୍ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ବତାରୋହଣକାରୀ ବିଭାରାଣୀ ପାତ୍ର, ଜଗନ୍ନାଥ ପାଟସେବା ବିକାଶ ପରିଷଦର ସଭାପତି ଦୁର୍ଯ୍ୟୋଧନ ସାହୁ, କର୍ମକର୍ତ୍ତା କେ.କେ. ଦାସ, ରବୀନ୍ଦ୍ର ନାରାୟଣ ମହାପାତ୍ର, ସମ୍ପାଦକ ଆଶୀଷ କୁମାର ସାହୁ, ତନୁଜା ପାତ୍ର, ସାଙ୍ଗଠନିକ ସମ୍ପାଦକ କାମେଶ୍ୱର ରାଓ, ସତ୍ୟସୁନ୍ଦର ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ମତ ରଖିଥିଲେ। ଜଗନ୍ନାଥଙ୍କ ୧୧୯ ସେବା ମଧ୍ୟରୁ ପାଟସେବା ଅନ୍ୟତମ। ଉକ୍ତ ପାଟସେବା ସମ୍ପର୍କରେ ବକ୍ତାମାନେ ଯୋଗଦେଇ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦ, ନିଖିଳ ଉତ୍କଳ ପାଟରା ଯୁବ ସମିତି ଓ ପାଟରା ଏଣ୍ଟରଟେନମେଣ୍ଟ ଗ୍ରୁପ ପକ୍ଷରୁ ମିଳିତ ଭାବେ ଏହି ଆଲୋଚନାଚକ୍ର ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦାରିଙ୍ଗବାଡ଼ି ଅଞ୍ଚଳରେ ଝଡବର୍ଷା: ତାତିରୁ ମିଳିଲା ତ୍ରାହି

**ଦାରିଙ୍ଗବାଡ଼ି, ୧୬।୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଝଡ ତୋଫାନ ସହ ପ୍ରବଳ ବର୍ଷା ହୋଇଛି। ଫଳରେ ଗରମରୁ ତ୍ରାହି ମିଳିଥିବା ବେଳେ ଅନେକ ଗ୍ରାମରେ ଝଡତୋଫାନରେ ବହୁ ଘର କ୍ଷତିଗ୍ରସ୍ତ ହୋଇଛି। ବ୍ଲକର ସିମନବାଡି ସମେତ ତିଲୋରୀ, ଦାରିଙ୍ଗବାଡି, ଶ୍ରୀନିକେତା, ସିଆଙ୍ଗବାଲି, ଭ୍ରମରବାଡି ଅଞ୍ଚଳରେ ବହୁ ଘରର ଛପର ଉଡିବା ସହ କେତେକ ସ୍ଥାନରେ ବଡ ବଡ ଗଛ ଭାଙ୍ଗି ଘର ଉପରେ ପଡିଛି। ଦାରିଙ୍ଗବାଡି ଅଗ୍ନିଶମ ବିଭାଗ ପହଞ୍ଚି ସେଗୁଡିକୁ କାଟି ସଫା କରିଛନ୍ତି। ସିମନବାଡି ପଞ୍ଚାୟତ ଡକରବାଡି ଗ୍ରାମର ସିଙ୍ଗୁଲା ପ୍ରଧାନ, କିଞ୍ଜୁଲା ପ୍ରଧାନ, ସାଦୁରା ପ୍ରଧାନ, ନାଲୁଗୁ ଦିଗାଳ, ଗୋପାଳ ଦିଗାଳ, ମେଶୁରା ପ୍ରଧାନଙ୍କ ଘର ଭାଙ୍ଗିଯାଇଥିବା ସମିନବାଡି ସରପଞ୍ଚ ଅମିତା ପ୍ରଧାନଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ କହିଛନ୍ତି। ସେମାନଙ୍କୁ ରିଲିଫ କୋଡ ଅନୁସାରେ ସହାୟତା କରାଯିବାକୁ ସେ ରାଜସ୍ୱ ନିରୀକ୍ଷକଙ୍କୁ ନିବେଦନ କରିଥିବା କହିଛନ୍ତି। ସେହିପରି ଶ୍ରୀନିକେତା ପଞ୍ଚାୟତ ଡିପୁମାହା ଗ୍ରାମରେ ପ୍ରାୟ ୨୫ ଜଣଙ୍କ ଘର ଭାଙ୍ଗିଯାଇଥିବା ତଦନ୍ତ କରୁଥିବା ଦାରିଙ୍ଗବାଡି ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରା କହିଛନ୍ତି। ବିଧାୟକ ସାଲୁଗା ପ୍ରଧାନ କ୍ଷତିଗ୍ରସ୍ତ ଅଞ୍ଚଳ ଗାଡାଡାଦି, ପଲେ, ଟେପାରୀ ପରିଦର୍ଶନ କରି ଫେରିଥିବାବେଳେ ରିଲିଫ କୋର୍ଡ ଅନୁସାରେ ରିଲିଫ ମିଳିବ ବୋଲି କହିଛନ୍ତି।



ସିମନବାଡି ସରପଞ୍ଚଙ୍କ ପ୍ରତିନିଧି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟୁଛନ୍ତି।

## ମଦ ଜବତ, ଜଣେ ଗିରଫ

**ଆସିକା, ୧୬।୬(ଡି.ଏନ୍.ଏ.)**

ଆସିକା ସହର ଉପକଣ୍ଠ କାଳଷଣ୍ଡପୁର ଛକରେ ରବିବାର ସକାଳେ ପୋଲିସ ଚଢାଉ କରି ୧୦ ଲିଟର ରନ୍ଧାମଦ ଜବତ କରିଛି। ଏହି ମାମଲାରେ ସେହି ଛକର ପିଣ୍ଟୁ ଗୌଡଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆସିକା ଥାନାରେ ନଂ.୧୯୧/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

**ଭଞ୍ଜନଗର, ୧୬।୬(ଡି.ଏନ.ଏ.)**

ତାରସିଂ ପୋଲିସ ରବିବାର କୋକଳବା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୪ ହଜାର ୮୩୦ ଟଙ୍କା, ୬ଟି ମୋବାଇଲ ଫୋନ, ୬ ବାଇକ୍, ୧ ସାଇକେଲ ଜବତ କରାଯାଇଛି। ଜଙ୍ଗଲରେ ଜୁଆ ଖେଳ ଚାଲିଥିବା ସମ୍ପର୍କରେ ଖବର ପାଇ ଥାନାଧିକାରୀ ସବ୍ୟସାଚୀ ମଲ୍ଲିକଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

# ଅଧାପନ୍ତରିଆ ଯାତ୍ରୀ ବିଶ୍ରାମାଗାର

**ଫିରିଙ୍ଗିଆ, ୧୬।୬**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପଞ୍ଚାୟତ ଲୋହରାସାହିରେ ନିର୍ମାଣାଧିନ ଯାତ୍ରୀ ବିଶ୍ରାମାଗାର ଅଧାପନ୍ତରିଆ ହୋଇ ପଡି ରହିଛି। ୧୦ ବର୍ଷ ହେଲା ଛାତ ଲେଭଲ ପର୍ଯ୍ୟନ୍ତ କାମ ହୋଇ ବନ୍ଦ ରହିଛି। ଅର୍ଥ ଅଭାବରୁ ଛାତ ପଡିପାରିନାହିଁ। ଅନ୍ୟପକ୍ଷରେ ଯେତିକି ନିର୍ମାଣ ହୋଇଥିଲା ତାହା ଏବେ ଭାଙ୍ଗିବାକୁ ବସିଲାଣି। ତୁରନ୍ତ ମରାମତି ସହ ଛାତ ନ ପଡିଲେ ବିଶ୍ରାମାଗାର ନଷ୍ଟ ହୋଇଯିବା ଆଶଙ୍କା ରହିଛି। ଗୋଚ୍ଛାପଡା ଏକ ଦୁର୍ଗମ ଅଞ୍ଚଳ। ଏହି ଥାନା ଅଧୀନରେ ଥିବା ବହୁ ଗ୍ରାମରୁ ଲୋକେ ଗୋଚ୍ଛାପଡା, ଫିରିଙ୍ଗିଆ, ଫୁଲବାଣୀ ଆଦି ଯିବାକୁ ରାସ୍ତା ପାର୍ଶ୍ୱରେ ବସ୍ କିମ୍ବା ଅଟୋକୁ ଅପେକ୍ଷା କରିଥାନ୍ତି। ଫଳରେ ପଞ୍ଚାୟତ ପକ୍ଷରୁ ଏକ ଯାତ୍ରୀ ବିଶ୍ରାମାଗାର ଲୋହରାସାହିଠାରେ ୧୦ବର୍ଷ ପୂର୍ବେ ନିର୍ମାଣ ଆରମ୍ଭ ହୋଇଥିଲା, ମାତ୍ର ଶେଷ ହୋଇ ପାରିଲା ନାହିଁ। ଯାତ୍ରୀମାନେ ପୂର୍ବଭଳି ରାସ୍ତାପାର୍ଶ୍ୱରେ ଠିଆହୋଇ ଗାଡିକୁ ଅପେକ୍ଷା କରୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଋଷି ବିନ୍ଧାଣି, ଟଙ୍କଧର ବିନ୍ଧାଣି, ବିଷ୍ଣୁ ବିନ୍ଧାଣୀ, ଦଶରଥ ବିନ୍ଧାଧି, ଗମେ ବିନ୍ଧାଣି କୁହନ୍ତି, କାମ ଆରମ୍ଭ ହେଲା, ହେଲେ ଛାତ ପଡିଲା ନାହିଁ। ଯାତ୍ରୀମାନେ ଯେଉଁ ହଇରାଣକୁ ସେହି ହଇରାଣ। ଗଛତଳେ ବସି ଗାଡିକୁ ଅପେକ୍ଷା କରୁଛନ୍ତି। ବିଶ୍ରାମାଗାର ଛାତ ପଡିଗଲେ ଯାତ୍ରୀ ଉପକୃତ ହୁଅନ୍ତେ। କାମ ଆରମ୍ଭ ହୋଇଥିଲା, କୌଣସି କାରଣରୁ ସରିନାହିଁ, ଆମେ ପଞ୍ଚାୟତରୁ ଅର୍ଥ ମଞ୍ଜୁର କରି କାମ ଶେଷ କରିବୁ ବୋଲି କହିଛନ୍ତି ସରପଞ୍ଚ ସୁମିତ୍ରା କହଁର।



ଅଧାପନ୍ତରିଆ ଯାତ୍ରୀ ବିଶ୍ରାମାଗାର।

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**✓ ରସିକ ମୋହନ ପଟ୍ଟନାୟକ**
ଆନନ୍ଦପୁର, ଜଗତ୍‌ସିଂହପୁର
ଆବିର୍ଭାବ : ୨୨.୧୧.୧୯୩୯
ତିରୋଧାନ: ୧୭.୦୬.୨୦୧୬
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଏବେବି ଆମ ମନରେ ଉଜ୍ଜିବିତ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଝଙ୍କଡ଼ବାସିନୀ ମା ଶାରଳା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା।
*ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ*
ଧ-୧୨୯୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭିମୋ ବିଶ୍ୱାଳ**
ଆବିର୍ଭାବ: ୧୪।୦୮।୧୯୫୩
ତିରୋଧାନ: ୨୮।୦୬।୨୦୧୮
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆମକୁ ତୁମେ ଅସମୟରେ ଛାଡ଼ି ଚାଲିଗଲ। ତଥାପି ଲାଗୁଛି ତୁମେ ଆମ ପାଖରେ ଅଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଛୁ।
**ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମକୁ ଝୁରୁଛନ୍ତି:**
ପତ୍ନୀ-ସୁଶୀଳା ବିଶ୍ୱାଳ, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ।
ଧ-୭୫୭୨୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଜିତେନ୍ କୁମାର୍ ସାହୁ**
(ଜିତୁ ସାର୍)
କୋଶଳା, ଅନୁଗୋଳ
ଆବିର୍ଭାବ : ତା ୦୨.୦୪.୧୯୫୩
ତିରୋଧାନ : ତା ୦୨.୦୫.୨୦୧୫
(ଦେବସ୍ନାନ ପୂର୍ଣ୍ଣିମା)
ଆଜି ତୁମର ଚତୁର୍ଥ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :- ନାତୁଣୀ :- ସାନ୍ଭି ଓ ତାନ୍ଭି, ପୁଅ :- ବାପୁନି ଓ ପୁପୁନି
ବୋହୂ :- ବୁଲଟି ଓ ମାନସୀ, ଦୁତଭାଗିନୀ ସ୍ତ୍ରୀ :- ସାବିତ୍ରୀ, ବନ୍ଧୁ ଓ ପରିବାର ବର୍ଗ
ସାନ୍‌ଭି ଫ୍ଲେକ୍ସ ପ୍ରିଣ୍ଟ, କୋଶଳା
ଧ-୧୩୦୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ଥିତିପ୍ରଜ୍ଞା ସାହୁ (ରୋଜି)**
**କଟକ**
ଆବିର୍ଭାବ: ୦୩।୧୨।୧୯୮୭
ତିରୋଧାନ: ୨୦।୦୬।୨୦୧୬
**ଦେବସ୍ନାନ ପୂର୍ଣ୍ଣିମା**
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଏତିକି ଅଳି ଓ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ହେଉ ଓ ଚିର ଶାନ୍ତି ଲାଭକର। ତୋର ଶୁଭଦୃଷ୍ଟି ସଦାସର୍ବଦା ଓମ୍‌ଶ୍ରୀ ଉପରେ ରହିଥାଉ।
ଯେତିକି ଲୁହ ତୁ ଦେଇ ଚାଲିଗଲୁ
ଆମ ସମସ୍ତଙ୍କ ପାଇଁ
ସାରା ଜୀବନ ବି କାନ୍ଦିଲେ ରୋଜି ଲୋ
ହୁଏତ ସରିବ ନାହିଁ।
**ଶୋକସନ୍ତପ୍ତ: ତୋର ବାବା, ମାମା, ଲୋନି, ଓମ୍‌ଶ୍ରୀ, ବନ୍ଧୁ ଓ ପରିବାରବର୍ଗ।**
ଧ-୧୨୯୭୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡଃ ନୃସିଂହ ଚରଣ ମହାନ୍ତି**
ଭୋଇନଗର, ଭୁବନେଶ୍ୱର
ତିରୋଧାନ: ୨୯।୦୫।୨୦୧୮
ଜ୍ୟେଷ୍ଠ ସ୍ନାନପୂର୍ଣ୍ଣିମା
ହେ ପୁଣ୍ୟାତ୍ମା ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ଅନୁପସ୍ଥିତିର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲ ଗୌରଗୋବିନ୍ଦ ମହାରାଜଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୨୯୮୩

ଧରିତ୍ରୀ
DHARITRI



■ କ୍ୱାଲିଟି କଣ୍ଟ୍ରୋଲ ସେଲ୍‌ର ରିପୋର୍ଟ

# ଗଞ୍ଜାମର ୫ ସରକାରୀ ଗୋଦାମରେ ଚାଉଳ ଅସୁରକ୍ଷିତ

ଛତ୍ରପୁର,୧୬।୬(ଡି.ଏନ.ଏ.)

ଗଞ୍ଜାମ ଜିଲାର ୫ ସରକାରୀ ଗୋଦାମରେ ଚାଉଳ ଅସୁରକ୍ଷିତ ଭାବେ ରଖାଯାଉଛି । ସେଗୁଡିକ ମଧ୍ୟରେ ହିଞ୍ଜିଳି ଚାଉଳ ରିସିଭିଂ ସେଣ୍ଟରର ଗୋଦାମ, ଜଗନ୍ନାଥପୁରସ୍ଥିତ ଯୋଗାଣ ନିଗମ ଗୋଦାମ, କୁକୁଡାଖଣ୍ଡି, ଛତ୍ରପୁର କୃଷକ ବଜାର ଓ ବେଗୁନିଆପଡା ଚାଉଳ ରିସିଭିଂ ସେଣ୍ଟର ଗୋଦାମ ରହିଛି । ମାର୍ଚ୍ଚ ୨୬ ଓ ୨୮ ତାରିଖରେ ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ କ୍ୱାଲିଟି କଣ୍ଟ୍ରୋଲ ସେଲ୍ ଆସିଷ୍ଟାଣ୍ଟ ରିଜିଓନାଲ ଡାଇରେକ୍ଟର ଅନୁପମ କୁମାର ଦେଙ୍କ ନେତୃତ୍ୱରେ ଆସିଥିବା ଟିମ୍ ୫ ଚାଉଳ ଗୋଦାମ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ । ଗୋଦାମରେ ଚାଉଳ ଅସୁରକ୍ଷିତ ଥିବା ଏବଂ ବିଭିନ୍ନ ଅଭାବ ଥିବା ନେଇ ଦର୍ଶାଇ ରିପୋର୍ଟକୁ ରାଜ୍ୟ ଯୋଗାଣ ନିଗମକୁ ଏପ୍ରିଲ ୨୪ ତାରିଖରେ ଚିଠି (ନଂ.୭୦) କ୍ୱାଲିଟି କଣ୍ଟ୍ରୋଲ ସେଲ୍ ଆସିଷ୍ଟାଣ୍ଟ ରିଜିଓନାଲ ଡାଇରେକ୍ଟରଙ୍କଠାରୁ ଆସିଥିଲା । ଏହାପରେ ଉକ୍ତ ରିପୋର୍ଟ ଉପରେ ପଦକ୍ଷେପ ନେଇ ଜଣାଇବାକୁ ଜୁନ୍ ୧୩ ତାରିଖରେ ରାଜ୍ୟ ଯୋଗାଣ ନିଗମ ଜେନେରାଲ ମ୍ୟାନେଜର (ବୈଷୟିକ)


ODISHA STATE CIVIL SUPPLIES CORPORATION LTD.
C/2, NAYAPALLI, BHUBANESWAR-12
STG.II/57/2019 / No: 8483 Date- 13.6.19

From
Ashok Kumar Panda
General Manager (Tech)

To
The District Manager,
OSCSC Ltd., Ganjam

Sub: Submission of Action Taken Report (ATR) on the inspection report of Asst.Regional Director (S&R), Quality Control Cell, GoI, Bhubaneswar during March'2019.

Ref: Letter no.QC-7(A)/19/70 dt.24.04.19 of ARD(S&R), Q.C.Cell, GoI, BBSR.

Sir,

With reference to the letter on the subject cited above, I am directed to inform you that the Asst. Regional Director (S&R), Quality Control Cell, GoI, Bhubaneswar while inspecting the following godown of your district being operated under OSCSC management during March'2019 has observed some discrepancies as per the report enclosed.

(1) 2000 MTC RRC-cum-DSC, Hinjilicut
(2) 3000 MTC OSCSC, Jagannathpur
(3) 500 MTC RRC-cum-DSC, Kukudakhandi
(4) 1000 MTC RRC-cum-DSC, Krushakbazar Chhatrapur
(5) 500 MTC RRC-cum-DSC, Beguniapada

It is intimated to take corrective action and submit compliance at an early date for further action in the matter.

Yours faithfully,
General Manager (Tech)

Memo No. 8484 Date 13.6.19
Copy alongwith an inspection report of ARD (S&R) to District Manager, OSCSC Ltd., Ganjam / Manager (QC), OSCSC Ltd., Bhubaneswar for information and necessary action.

General Manager (Tech)

ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଆସିଥିବା ଚିଠି ।

ଅଶୋକ କୁମାର ପଣ୍ଡାଙ୍କ ପକ୍ଷରୁ ଗଞ୍ଜାମ ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ନିର୍ଦ୍ଦେଶନାମା (ନଂ-୮୪୮୩) ଆସିଛି । ଉକ୍ତ ଚିଠିରୁ ମିଳିଥିବା ସୂଚନା ଅନୁସାରେ, ହଞ୍ଜିଳି ରାଇସ୍ ରିସିଭିଂ ସେଣ୍ଟରର ଗୋଦାମ ଚଟାଣ ଭଗ୍ନ ଅବସ୍ଥାରେ ରହିଛି । ଏହାର ମରାମତି ଆବଶ୍ୟକ ପଡୁଛି । ଭେଣ୍ଟିଲେଟର ମଧ୍ୟ ଭାଙ୍ଗିଯାଇଛି ଏବଂ ଏହା ବଦଳାଇବା ଜରୁରୀ ହୋଇପଡିଛି । ଏଥିସହ ଉକ୍ତ ଗୋଦାମର ଛାତରୁ ପାଣି ଗଳୁଛି , ଅଗ୍ନିନିର୍ବାପକ ଯନ୍ତ୍ର ନାହିଁ , ମଏଶ୍ଚର ମିଟର କାମ କରୁ ନ ଥିବା, ବିଶୁଦ୍ଧ ପାଇଁ ସ୍ପ୍ରେୟର ଓ ପାନୀୟ ଜଳ ବ୍ୟବସ୍ଥା ନ ଥିବା ବେଳେ ପାଇଖାନା ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ରିପୋର୍ଟରେ ଦର୍ଶାଯାଇଛି । ଏହା ଉପରେ ପଦକ୍ଷେପ ନେଇ ରିପୋର୍ଟ ଦେବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ଚିଠି ଆସିଛି । ସେହିପରି ଜଗନ୍ନାଥପୁରସ୍ଥିତ ଯୋଗାଣ ନିଗମ ଗୋଦାମକୁ ଯିବା ପାଇଁ ଆପ୍ରୋଚ୍ ରୋଡ୍ ନ ଥିବାବେଳେ ପାଚେରି ଭାଙ୍ଗିଯାଇଛି । ଗୋଦାମ ମଧ୍ୟ ଭଗ୍ନ ଅବସ୍ଥାରେ ଅଛି । କାନ୍ଥ ଓ ଚଟାଣରେ ଫାଟ ଥିବା ବେଳେ ଶଟର୍ ଠିକ୍ ଭାବେ କାମ କରୁନି । ଗୋଦାମ ସାରା ଉଭିଦ ସମୂହ ଥିବାବେଳେ ପାନୀୟ ଜଳ ବ୍ୟବସ୍ଥା ନ ଥିବା ଯାଞ୍ଚ ବେଳେ କ୍ୱାଲିଟି କଣ୍ଟ୍ରୋଲ ସେଲ୍ କର୍ମଚାରୀମାନେ ଦେଖିବାକୁ ପାଇଥିଲେ । କୁକୁଡାଖଣ୍ଡି ରାଇସ୍ ରିସିଭିଂ ସେଣ୍ଟରର ଗୋଦାମରେ ବୁଢିଆଣୀ ଜାଲ ରହିଥିବା ବେଳେ ବିଶୁଦ୍ଧ ପାଇଁ ସ୍ପ୍ରେୟର ନାହିଁ । ଏଥିସହ ଗୋଦାମକୁ ଯିବା ପାଇଁ ଆପ୍ରୋଚ୍ ରୋଡ୍ ନାହିଁ । ଷ୍ଟକ୍ ସମ୍ବନ୍ଧରେ ଡିସ୍‌ପ୍ଲେ ମଧ୍ୟ କରାଯାଉ ନ ଥିବା କ୍ୱାଲିଟି କଣ୍ଟ୍ରୋଲ ସେଲ୍ ଜାଣିବାକୁ ପାଇଥିଲା । ଛତ୍ରପୁର କୃଷକ ବଜାରରେ ଥିବା ରାଇସ୍ ରିସିଭିଂ ସେଣ୍ଟର ଗୋଦାମରେ ମଧ୍ୟ ଚାଉଳ ଅସୁରକ୍ଷିତ ଭାବେ ରହୁଥିବା କ୍ୱାଲିଟି କଣ୍ଟ୍ରୋଲ ସେଲ୍ ରିପୋର୍ଟରେ ଉଲ୍ଲେଖ ରହିଛି । ଏହି ଗୋଦାମରେ ସ୍ପ୍ରେୟର ନ ଥିବା ବେଳେ ଚାରିଆଡେ ଉଭିଦ ସମୂହ ରହିଛି । ପାଚେରି ମଧ୍ୟ ଭଗ୍ନ ଅବସ୍ଥାରେ ଅଛି । ଜିଲାର ବେଗୁନିଆପଡା ରାଇସ୍ ରିସିଭିଂ ସେଣ୍ଟର ଚାଉଳ ଗୋଦାମରେ ପ୍ରତିଷେଧକ ଓ କୀଟ ନାଶକ ବ୍ୟବସ୍ଥା ଏବଂ ବିଶୁଦ୍ଧ ପାଇଁ ସ୍ପ୍ରେୟର ନ ଥିବା କ୍ୱାଲିଟି କଣ୍ଟ୍ରୋଲ ସେଲ୍ ଟିମ୍ ଯାଞ୍ଚ ବେଳେ ଜାଣିବାକୁ ପାଇଥିଲେ । ଗୋଦାମର କାନ୍ଥ ଓ ଚଟାଣ ମଧ୍ୟ ଭଗ୍ନ ଅବସ୍ଥାରେ ଅଛି । ଆହୁରି ଜଣାଯାଇଛି, ହିଞ୍ଜିଳି ଗୋଦାମରେ ୨ ହଜାର ମେଟ୍ରିକ୍ ଟନ୍, ଜଗନ୍ନାଥପୁର ଗୋଦାମରେ ୩ ହଜାର ମେଟ୍ରିକ୍ ଟନ୍, କୁକୁଡାଖଣ୍ଡି ଗୋଦାମରେ ୫୦୦ ମେଟ୍ରିକ୍ ଟନ୍, ଛତ୍ରପୁର କୃଷକ ବଜାର ଗୋଦାମରେ ୧ ହଜାର ମେଟ୍ରିକ୍ ଟନ୍ ଓ ବେଗୁନିଆପଡା ଗୋଦାମରେ ୫୦୦ ମେଟ୍ରିକ୍ ଟନ୍ ଚାଉଳ ରଖିବାର କ୍ଷମତା ରହିଛି ।

## ସଂକ୍ଷେପରେ

### ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ, ଜଳିଗଲା ଜଳଖିଆ ଦୋକାନ



ଦିଗପହଣ୍ଡି,୧୬।୬(ଡି.ଏନ.ଏ.): ଦିଗପହଣ୍ଡିରୁ ପ୍ରାୟ ୮ କିମି ଦୂର ମାଟିଆ ବୋରେଇ ଗ୍ରାମର ଗୌଡ଼ ସ୍ୱାଇଁଙ୍କ ଜଳଖିଆ ଦୋକାନରେ ରବିବାର ସକାଳ ସାଢ଼େ ୬ଟାରେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡରେ ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ଆସବାବପତ୍ର, ବାସନକୁସନ ଓ ଘରକରଣା ସାମଗ୍ରୀ ଜଳିଯାଇଛି। ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସକାଳେ ଗୌଡ଼ ତାଙ୍କ ଜଳଖିଆ ଦୋକାନରେ ଚା କରୁଥିବା ବେଳେ ସିଲିଣ୍ଡର ପାଇପ୍ ଫାଟି ନିଆଁ ଲାଗି ଯାଇଥିଲା। ସିଲିଣ୍ଡର ବିସ୍ଫୋରଣ ଆଶଙ୍କାରେ ଗ୍ରାମବାସୀ ନିଆଁ ଲିଭାଇବାକୁ ସାହସ କରି ନ ଥିଲେ ବୋଲି ଜଣାପଡ଼ିଛି।

### ଜାତୀୟ ରାଜପଥରୁ ମୃତଦେହ ଉଦ୍ଧାର

ଛତ୍ରପୁର,୧୬।୬(ଡି.ଏନ.ଏ.): ଛତ୍ରପୁର ଥାନା ଅନ୍ତର୍ଗତ ତାମ୍ପରା ସମ୍ମୁଖ ଜାତୀୟ ରାଜପଥ ଉପରୁ ରବିବାର ପୂର୍ବାହ୍ନରେ ଜଣଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା । ମୃତବ୍ୟକ୍ତିଙ୍କ ପକେଟ୍‌ରୁ ମିଳିଥିବା ଭୋଟ ପରିଚୟ ପତ୍ର ଓ ପାନ୍ କାର୍ଡରୁ ତାଙ୍କର ନାମ ସହଦେବ ବାସୁମାତାରୀ ବୋଲି ଜଣାପଡିଛି। ତାଙ୍କ ଘର ଆସାମ ରାଜ୍ୟ ସୋନିତପୁର ଜିଲା ଢେକିଆଜୁଲି ଥାନା ଅଧୀନ ବାଟଛିପୁରରେ। କୌଣସି ଏକ ଗାଡିରୁ ତଳକୁ ଖସି ତାଙ୍କର ମୁଣ୍ଡରେ ଆଘାତ ଯୋଗୁ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ଅନୁମାନ କରାଯାଉଛି । ତେବେ ପ୍ରକୃତ ଘଟଣା ସ୍ପଷ୍ଟ ହୋଇନି । ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ନେଇ ବ୍ୟବଛେଦ କରାଇଛି। ଛତ୍ରପୁର ଥାନାରେ (ନଂ-୧୩୩/୧୯)ରେ ମାମଲା ରୁଜୁ କରାଯାଇଛି। ତାଙ୍କ ଘର ଲୋକଙ୍କୁ ଖବର ଦିଆଯାଇଛି । ଏଠାକୁ ଆସିଲେ ଅଧିକ ତଥ୍ୟ ମିଳିବ ବୋଲି ପୋଲିସ କହିଛି ।

### ବଜ୍ରପାତରେ ଛାତ ଫାଟିଲା



ବୁଗୁଡ଼ା,୧୬।୬(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଅନ୍ତର୍ଗତ କୁଆନଳା ଗ୍ରାମରେ ଶନିବାର ମଧରାତିରେ ବଜ୍ରପାତ ହେବାରୁ ରଞ୍ଜନ ବେହେରାଙ୍କ ଘରର ଛାତ, କାନ୍ଥ ଫାଟିବା ସହ ବିଦ୍ୟୁତ୍ ତାର ସବୁ ଜଳିଯାଇଛି। ଏଥିରେ ପରିବାରର କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଶନିବାର ରାତିରେ ପ୍ରବଳ ପବନ ସହ ଘଡ଼ଘଡ଼ି ହୋଇ ଅସରାଏ ବର୍ଷା ହୋଇଥିଲା। ବଜ୍ରପାତରେ ରଞ୍ଜନଙ୍କ ଘରର କ୍ଷତି ଘଟିଥିବାରୁ ଏ ନେଇ ପ୍ରଶାସନକୁ ଜଣାଇବେ ବୋଲି ସୂଚନା ମିଳିଛି।

### କୋଇଲା ବୋଝେଇ ଟ୍ରେନ୍‌ରୁ ନାବାଳକ ଉଦ୍ଧାର

ଛତ୍ରପୁର,୧୬।୬(ଡି.ଏନ.ଏ.): ଛତ୍ରପୁର ଷ୍ଟେସନ ନିକଟ ଏକ କୋଇଲା ବୋଝେଇ ଗୁଡସ୍ ଟ୍ରେନ୍‌ରୁ ଜଣେ ୧୨ ବର୍ଷର ନାବାଳକଙ୍କୁ ରବିବାର ଅପରାହ୍ନରେ ଆରପିଏଫ୍ ପକ୍ଷରୁ ଉଦ୍ଧାର କରାଯାଇଛି। ତାଙ୍କ ଘର ଉତ୍ତରପ୍ରଦେଶ ପ୍ରୟାଗ ଜିଲା ବୋଲି ଜଣାପଡିଛି । ଭୁବନେଶ୍ୱର ଅଭିମୁଖେ ଯାଉଥିବା କୋଇଲା ବୋଝେଇ ଗୁଡ୍‌ସ ଟ୍ରେନ୍‌ରେ ରବିବାର ଅପରାହ୍ନ ୩ ଟା ୪୦ ମିନିଟ୍‌ରେ ବସି ନାବାଳକ ଜଣକ ଯାଉଥିବା ଆରପିଏଫ୍ ଦେଖିଥିଲେ । ଏହାପରେ ଉକ୍ତ ଟ୍ରେନ୍‌ରୁ ଆରପିଏଫ୍ ପକ୍ଷରୁ ନାବାଳକଙ୍କୁ ଉଦ୍ଧାର କରି ଛତ୍ରପୁର ଷ୍ଟେଶନ ଅଧୀକ୍ଷକଙ୍କ ନିକଟକୁ ଅଣାଯାଇଥିଲା। ଏହାପରେ ସନ୍ଧ୍ୟା ୬ ଟା ୩୦ରେ ତାଙ୍କୁ ଚାଇଲ୍ଡ ଲାଇନ ସଂଯୋଜକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ କେଉଁଭଳି ପରିସ୍ଥିତିରେ ଘରୁ ଆସିଥିଲେ ଏବଂ କେଉଁଆଡେ ଯାଉଥିଲେ ସେ ସମ୍ପର୍କରେ ନାବଳକ ଜଣକ କିଛି କହୁ ନ ଥିବା ସୂଚନା ମିଳିଛି।

## ନୂଆପଡ଼ା ଅଞ୍ଚଳରେ ବିଲୁଆ ଆତଙ୍କ

ଚିକିଟି,୧୬।୬(ଡି.ଏନ.ଏ.)

ଚିକିଟି ବ୍ଲକ୍ ନୂଆପଡା ଗ୍ରାମରେ ଗତ ୨ଦିନ ହେଲା ବିଲୁଆ ଆତଙ୍କ ଦେଖାଦେଇଛି। ରବିବାର ସୁଦ୍ଧା ଗ୍ରାମର ବିଘ୍ନରାଜ ରଣା (୬୫), କେ.କୁମାରୀ (୭୩), କେ. ମୋହନ ରାଓ (୭୪)ଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ବିଲୁଆ କାମୁଡି ଦେଇଛି। ଏଥିରେ ସେମାନେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡ଼ିଛନ୍ତି । କିନ୍ତୁ ସ୍ଥାନୀୟ ନୂଆପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଷେଧକ ଟିକା ବା ଇଞ୍ଜେକ୍‌ଶନ ଉପଲବ୍ଧ ନ ଥିବାରୁ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବ୍ରହ୍ମପୁର ବଡମେଡିକାଲରେ ଇଞ୍ଜେକ୍‌ଶନ ନେଉଛନ୍ତି । ଏହିଭଳି ବିଲୁଆ ନୁହେଁ କୁକୁର, ମାଙ୍କଡ, ବିଲେଇ, ଭାଲୁ ଭଳି ଜନ୍ତୁଙ୍କ ଆକ୍ରମଣର ଶିକାର ହୋଇଥିବା ରୋଗୀମାନେ ପ୍ରତିଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। କିନ୍ତୁ ଇଞ୍ଜେକ୍‌ଶନ୍ ନ ଥିବା ଜାଣି ନିରାଶରେ ଫେରି ଯାଉଛନ୍ତି। ଅନ୍ୟକେତେକ ରୋଗୀ ଔଷଧ ଦୋକାନରୁ ଚଢା ଦରରେ ଇଞ୍ଜେକ୍‌ଶନ କିଣିବାକୁ ବାଧ୍ୟ ହେଉଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀ ଅବଗତ ଥିଲେ ମଧ୍ୟ ଉକ୍ତ ସମସ୍ୟାର ସମାଧାନ ପାଇଁ କେହି ତତ୍ପର ନ ଥିବା ଅଭିଯୋଗ ହେଉଛି।

## ସ୍ନାନ ପୂର୍ଣ୍ଣିମା, ରଥଯାତ୍ରାରେ ଯୋଗଦେବେ ସୋରଡ଼ା ରାଜା

ସୋରଡ଼ା,୧୬।୬(ଡି.ଏନ୍.ଏ.)

ସୋରଡ଼ାର ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ସୋମବାର ପାଳନ କରାଯିବ। ଏଥିରେ ସୋରଡ଼ା ରାଜା ଡ.ଦେବଦତ୍ତ ସିଂହ ଦେଓ ଯୋଗଦେବେ। ସ୍ଥାନୀୟ ରାଜବଂଶର ରାଜା ଜଗନ୍ନାଥ ସିଂହ ଦେଓ ୧୯୮୩ରେ ଏଠାରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ୨୦୦୦ରେ ହୋଇଥିବା ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇଥିଲେ। ତେବେ ଚଳିତଥର ତାଙ୍କ ପୁତ୍ର ଡ.ଦେବଦତ୍ତ ସିଂହ ଦେଓ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାରେ ଯୋଗଦେବେ ବୋଲି ସ୍ଥିର ହୋଇଛି। ପ୍ରାୟ ଶହେ ବର୍ଷ ପରେ ରଥଯାତ୍ରା କାର୍ଯ୍ୟକ୍ରମରେ ରାଜା ଦେବଦତ୍ତ ଯୋଗଦେବେ ବୋଲି ଆଇନଜୀବୀ ତଥା ପୁରୋହିତ ପ୍ରଭାତ କୁମାର ପାଢ଼ୀ କହିଛନ୍ତି। ପ୍ରକାଶ ଯେ, ମନ୍ଦିର ପକ୍ଷରୁ ରାଧାକୃଷ୍ଣ ପାଣିଗ୍ରାହୀ, ପ୍ରଭାତ ପାଢ଼ୀ, ରଜନୀ ମହାପାତ୍ର, ସଞ୍ଜୟ ପଣ୍ଡା, ଅଶୋକ ପାତ୍ର, ପ୍ରମୋଦ ସାମନ୍ତରାୟ ପ୍ରମୁଖ ଭୁବନେଶ୍ୱର ବାସଭବନକୁ ଯାଇ ଆମନ୍ତ୍ରଣ କରିଥିବା ଜଣାପଡ଼ିଛି।



ମନ୍ଦିର କମିଟି ରାଜାଙ୍କୁ ଆମନ୍ତ୍ରଣ କରିବାକୁ ଯାଇଛନ୍ତି।

## ଅସରାଏ ବର୍ଷା, ଲୋକେ ଆଶ୍ୱସ୍ତ

ଚିକିଟି,୧୬।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି, ନୂଆପଡା ଏବଂ ଆଖପାଖ ଅଞ୍ଚଳରେ ଶନିବାର ରାତି ୧୧ଟାରେ ଝଡତୋଫାନ ସହ ପ୍ରବଳ ବର୍ଷା ହୋଇଛି। ଏହାର ପ୍ରଭାବରେ ନୂଆପଡା ଏବଂ ଏହାର ଗ୍ରାମାଞ୍ଚଳ ଗୁଡ଼ିକରେ ସକାଳ ୮ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଦିଗପହଣ୍ଡି ଗ୍ରୀଡ ସବ୍‌ଷ୍ଟେଶନ୍‌ରୁ ଚିକିଟି ଆସିଥିବା ୩୩ କେଭି ଲାଇନ୍‌ରେ ତ୍ରୁଟି ଯୋଗୁ ଏହି ସମସ୍ୟା ଦେଖାଦେଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀ ସୁଧାରିବାରେ ଏହା ସ୍ୱାଭାବିକ ହୋଇଛି । ସେହିଭଳି ବିଏସ୍‌ଏନ୍‌ଏଲ୍ ବ୍ରଡବ୍ୟାଣ୍ଡ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରପକ୍ଷରେ କିଛିଦିନ ହେବ ଅସହ୍ୟ ଗରମରେ ଲୋକମାନେ ଆଉଟୁପାଉଟୁ ହେଉଥିଲେ। ରାତିରେ ବର୍ଷା ହେବାରୁ ଅଞ୍ଚଳବାସୀ ଗରମରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ, ୨ ଆହତ

ଗଞ୍ଜାମ,୧୬।୬(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଋଷିକୁଲ୍ୟା ବ୍ରିଜ ନିକଟରେ ରବିବାର ବୁଲେଟ ଓ ହିରୋହୋଣ୍ଡା ମୁହାଁମୁହିଁ ହେବାରୁ ଉଭୟ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ଗୋପାଳପୁରର ସୁଶାନ୍ତ କୁମାର ସାହୁ (୩୫) ଓ ରାଜପୁରର ଦଣ୍ଡପାଣି ଚୌଧୁରୀ (୫୫)। ଅପରାହ୍ନରେ ସୁଶାନ୍ତ ନିଜ ବୁଲେଟ ଯୋଗେ ଛତ୍ରପୁରରୁ ଫେରୁଥିବା ବେଳେ ସାମ୍ନାପଟରୁ ଦ୍ରୁତଗତିରେ ଆସୁଥିବା ଦଣ୍ଡପାଣିଙ୍କ ହିରୋହୋଣ୍ଡା ସହ ଧକ୍କା ହୋଇଥିଲା। ଏଥିରେ ସୁଶାନ୍ତଙ୍କ ଡାହାଣ ହାତ ଭାଙ୍ଗିଯାଇଥିବା ବେଳେ ଦଣ୍ଡପାଣିଙ୍କ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଛି।

■ କବିତା ପାଠ, ସମ୍ବର୍ଦ୍ଧନା

## ହୁସେନ୍ ରବି ଗାନ୍ଧୀଙ୍କୁ ସାରସ୍ୱତ ସମ୍ମାନ

ଛତ୍ରପୁର,୧୬।୬(ଡି.ଏନ.ଏ.)

ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ପାଠାଗାରରେ ରବିବାର ଓଡିଶା ସାହିତ୍ୟ ସଂସ୍କୃତି ବିକାଶ ପ୍ରତିଷ୍ଠାନ ପକ୍ଷରୁ କବି ଡ. ହୁସେନ୍ ରବି ଗାନ୍ଧୀଙ୍କୁ ବିଶିଷ୍ଟ ସାରସ୍ୱତ ସମ୍ମାନ -୨୦୧୯ ପ୍ରଦାନ କରାଯାଇଥିଲା । ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଜୀବନ ଓଡିଆ ଭାଷା ସାହିତ୍ୟ ପାଇଁ ସମର୍ପିତ । ଏହି ସାରସ୍ୱତ ସମାବେଶକୁ ବରିଷ୍ଠ ଶିକ୍ଷାବିତ୍ ଗୌରୀ ଶଙ୍କର ପାଢୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ସୁଶାନ୍ତ ଦାଶ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଓଡିଶା ସାହିତ୍ୟ ସଂସ୍କୃତି ବିକାଶ ପ୍ରତିଷ୍ଠାନ ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ସ୍ୱାଗତ ସମ୍ଭାଷଣରେ ଗାନ୍ଧୀଙ୍କ ସାହିତ୍ୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ଅବନୀ ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ମୁଖ୍ୟବକ୍ତା ବିଘ୍ନେଶ୍ୱର ସାହୁ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସାମାଜିକକର୍ମୀ ଶ୍ରୀନିବାସ ରାଓ, ସାହିତ୍ୟିକ ତ୍ରିନାଥ ନାୟକ, କବି ଅଜିତ୍ କୁମାର ସେଠୀ, କବି ଗୌର ଚନ୍ଦ୍ର ଷଡଙ୍ଗୀ, ସାମାଜିକ କର୍ମୀ ସୟଦ୍ ମୁଖତାର, ଶିକ୍ଷାବିତ୍ ଲିଙ୍ଗରାଜ ଜେନା, କବି ତ୍ରିନାଥ ପ୍ରଧାନ ଓ କବି ଆର୍. ସୁନନ୍ଦା ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ବିମ୍ବାଧର ଷଡଙ୍ଗୀଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । କବି ସୁବର୍ଣ୍ଣମାଳା ବିଷୋୟୀ, ଅମିୟ କୁମାର ଧଳ, ଲକ୍ଷ୍ମଣ ପଣ୍ଡା, ଦୀପ୍ତିଲେଖା ମିଶ୍ର, ଅଜିତ୍ କୁମାର ସାବତ, ସୁଜିତ୍ କୁମାର ପଣ୍ଡା, ଜୟନ୍ତୀ ବେହେରା, ସଞ୍ଜୟ କୁମାର ଷଡଙ୍ଗୀ, ଅମିତାଭ ସାହୁ, ବ୍ରଜ ମୋହନ ଆଚାର୍ଯ୍ୟ, ଭାଗୀରଥି ବେହେରା ଓ ଅଜୟ ତ୍ରିପାଠୀ ପ୍ରମୁଖ କବିତା ପାଠ କରିଥିଲେ । ନିରଞ୍ଜନ ତ୍ରିପାଠୀ, ମୁରଲୀ ଦାଶ ଓ ଦୀପ୍ତିମିତା ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶ୍ରୀନିବାସ ପଣ୍ଡାଙ୍କ ଗଳ୍ପ ସଙ୍କଳନ ମନପସନ୍ଦ ଗପ ତୁମରି ପାଇଁ ଲୋକାର୍ପିତ ହୋଇଥିଲା ।




ହୁସେନ୍ ରବି ଗାନ୍ଧୀଙ୍କୁ ସମ୍ମାନିତ କରାଯାଉଛି ।

## ଦିଗପହଣ୍ଡି ପୋଲିସର ମୋଷ୍ଟ ୱାଣ୍ଟେଡ୍ ପପୁ ଗିରଫ

ଦିଗପହଣ୍ଡି,୧୬।୬(ଡି.ଏନ.ଏ.)

■ ପୋଲିସକୁ ଧକ୍କା ମାରି ଖସି ଯାଇଥିଲେ

■ ୧୪ ମାସ ପରେ ଘରୁ ଧରିଲା ପୋଲିସ

ଦିଗପହଣ୍ଡି ପୋଲିସର ମୋଷ୍ଟ ୱାଣ୍ଟେଡ ମହୁଡ଼ା ଚାଁଦ୍ରାପଲ୍ଲୀ ଗ୍ରାମର ପପୁ ଓରଫ୍ ନରେଶ ଲେଙ୍କାଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଦୀର୍ଘ ୧୪ ମାସ ହେଲା ପୋଲିସ ଆଖିରେ ଧୂଳି ଦେଇ ଫେରାର୍ ଥିବା ଅଭିଯୁକ୍ତ ପପୁଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ୨୦୧୮ ଏପ୍ରିଲ ୧୨ ତାରିଖ ସନ୍ଧ୍ୟାରେ ଦିଗପହଣ୍ଡି ସହର ଉପକଣ୍ଠ ଶ୍ରୀ ହନୁମାନ ଛକ ନିକଟରେ ପୋଲିସ ରୋଡ ବ୍ଲକିଂ କରି ଗାଡ଼ି ମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ଚାଁଦ୍ରାପଲ୍ଲୀର କୁଖ୍ୟାତ ପେସାଦାର ଅପରାଧୀ ବଚ୍ଚନ ସ୍ୱାଇଁ ଓ ପପୁ ଏକ କଳାରଙ୍ଗର ପଲସରରେ ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ପୋଲିସ ଚେକିଂ ଦଳ ହାବୁଡ଼ରେ ପଡ଼ିଥିଲେ। କିନ୍ତୁ ପୋଲିସର ତଲାସିକୁ ସେମାନେ ବାଧା ଦେଇଥିଲେ। ଉଭୟଙ୍କୁ ପୋଲିସ କାବୁ କରିବା ସମୟରେ ତତ୍କାଳୀନ ଏସ୍‌ଆଇ ଆଦିତ୍ୟ ପ୍ରସାଦ ଜେନାଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ପୋଲିସ କର୍ମଚାରୀମାନେ ବଚ୍ଚନଙ୍କୁ ମାଡ଼ି ବସିଥିବା ବେଳେ ପପୁ ଏସ୍‌ଆଇଙ୍କୁ ଧକ୍କା ଦେଇ ଖସି ପଳାଇଥିଲେ। ତଲାସି ବେଳେ ବଚ୍ଚନଙ୍କ ନିକଟରୁ ଗୋଟିଏ ମାଉଜର ଓ ଗୁଳି ମିଳିଥିଲା। ଏସ୍‌ଆଇଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା (ନଂ ୫୯/୧୮) ରୁଜୁ କରାଯାଇ ବଚ୍ଚନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଅଭିଯୁକ୍ତ ବଚ୍ଚନ ଓ ତାଙ୍କ ସହଯୋଗୀ ପପୁଙ୍କ ନାଁରେ ଦିଗପହଣ୍ଡି ଓ ବ୍ରହ୍ମପୁର ସଦର ଥାନାରେ ହତ୍ୟା ଉଦ୍ୟମ, ବୋମାମାଡ଼, ଡକାୟତି, ରାହାଜାନି, ଛିନ୍‌ତାଇ ଭଳି ୮ରୁ ଊର୍ଦ୍ଧ୍ୱ ସଙ୍ଗିନ ମାମଲା ରହିଥିବା ଦିଗପହଣ୍ଡି ଥାନା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି।

## ବାପା,ମା'ର ସ୍ୱପ୍ନ ସନ୍ଧ୍ୟାରାଣୀ

ବେଗୁନିଆପଡ଼ା,୧୬।୬(ଡି.ଏନ.ଏ.)

ଦୃଢ଼ ଇଚ୍ଛା ଶକ୍ତି, ଅକ୍ଳାନ୍ତ ପରିଶ୍ରମ ହିଁ ମଣିଷକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥାଏ। ଏହା ଦେଖିବାକୁ ମିଳିଛି ବେଗୁନିଆପଡ଼ା ବ୍ଲକ ତାଳସର ଗ୍ରାମରେ। ତାଳସର ଭଳି ଗାଁ ସ୍କୁଲରେ ସନ୍ଧ୍ୟାରାଣୀ ସାହୁ ମାଟ୍ରିକ ପରୀକ୍ଷାରେ ୮୭% ମାର୍କ ରଖି ପାସ୍ କରିବା ପରେ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ମୋଟ ୬୦୦ରୁ ୪୮୭ ମାର୍କ ରଖି ପାସ୍ କରି ପରିବାର ତଥା ବ୍ଲକ ପାଇଁ ସୁନାମ ଅର୍ଜନ କରିଛନ୍ତି। ସନ୍ଧ୍ୟାଙ୍କ ବାପା କାଠ କାରିଗର ଅଟନ୍ତି। ଗାଁରେ କାମ କରି ପରିବାର ଚଳାଇବା ଓ ଦୁଇ ଝିଅ ଏବଂ ଗୋଟିଏ ପୁଅକୁ ପାଠ ପଢ଼ାଇବା କଷ୍ଟକର ହୋଇପଡିବାରୁ ସେ ଭୁବନେଶ୍ୱରରେ କାମ କରନ୍ତି। ବଡ ଝିଅ ସନ୍ଧ୍ୟା ମାଟ୍ରିକ ପରୀକ୍ଷାରେ ଭଲ କରିଥିବାରୁ ସେ ବ୍ରହ୍ମପୁର ଆରିୟନ ଗୁରୁକୁଳରେ ଯୁକ୍ତ ୨ ପଢାଇଥିଲେ। ସନ୍ଧ୍ୟା ଯୁକ୍ତ ୨ ରେ ୮୧% ରଖି ପାସ କରିଥିବାରୁ ବାପା ଭଗବାନ ଓ ମା' ଜୋସ୍ନା ବହୁତ ଖୁସି। ଭଗବାନ୍ କହନ୍ତି, ମୋର ପରିଶ୍ରମର ମୂଲ୍ୟ ମୋ ଝିଅ ଦେଇ ଦେଇଛି। ବର୍ତ୍ତମାନ ସେ ମେଡିକାଲ ପଢ଼ିବା ପାଇଁ ପ୍ରସ୍ତୁତ ହେଉଛି। ଏଥିପାଇଁ ମୋତେ ଯେତେ କଷ୍ଟ କରିବାକୁ ପଡିଲେ ମଧ୍ୟ ମୁଁ କରିବାକୁ ପ୍ରସ୍ତୁତ। ଅନ୍ୟପକ୍ଷରେ ସନ୍ଧ୍ୟା ତାର ସଫଳତା ପାଇଁ ବାପା ମା' ଓ ଶିକ୍ଷକଙ୍କ ଆଶୀର୍ବାଦ ଓ ନିଜ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି ।



ସନ୍ଧ୍ୟାରାଣୀ ସାହୁ।

## ଖଲ୍ଲିକୋଟ ତାଲୁକ ବିଶ୍ୱକର୍ମା ସମାଜର ସମ୍ମିଳନୀ

ଖଲ୍ଲିକୋଟ,୧୬।୬(ଡି.ଏନ.ଏ.)

ଖଲ୍ଲିକୋଟ ତାଲୁକ ବିଶ୍ୱକର୍ମା ସମାଜର ସମ୍ମିଳନୀ ଗୋପପୁର ଗ୍ରାମ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ତ୍ରିନାଥ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟଅତିଥି, ଯୁବନେତା ଦୈତାରି ବେହେରା, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ଖୁଣ୍ଟିଆ, ସମିତିସଭ୍ୟ ସୁରେନ୍ଦ୍ର ଗୌଡ଼ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏଠାରେ ବିଶ୍ୱକର୍ମା ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ଏହାର ସମାଧାନ ପାଇଁ ବରିଷ୍ଠ ସଭ୍ୟ ଦୟାନିଧି ମହାରଣା ବିଧାୟିକାଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଖଲ୍ଲିକୋଟ ନିର୍ମଳଝରଠାରେ ଥିବା ବିଶ୍ୱକର୍ମା ସମାଜର ନିଜସ୍ୱ ଭୂମିରେ କଲ୍ୟାଣ ମଣ୍ଡପ ନିର୍ମାଣ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାଷ୍ଠଶିଳ୍ପର ପୁନରୁଦ୍ଧାର ଆଦି ରହିଥିଲା। ଏହାର ପୁନରୁଦ୍ଧାର ପାଇଁ ବିଧାୟିକା ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ । ସଭାକୁ ବରିଷ୍ଠ ସଭ୍ୟ ନୀଳାଞ୍ଚଳ ମହାରଣା, ରଞ୍ଜିତ ମହାରଣା, ଦେବରାଜ ମହାରଣା ପରିଚାଳନା କରିଥିଲେ। ଗଞ୍ଜାମ ଜିଲା ଉପସଭାପତି ଭାସ୍କର ମହାରଣା, ପୂର୍ବ ଖଣ୍ଡ ତାଲିକା ଉପସଭାପତି ସୁଶାନ୍ତ ମହାରଣାଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ ବିଶ୍ୱକର୍ମା ସମାଜର ସଦସ୍ୟ ଉପସ୍ଥିତ ଥିଲେ।




ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ